ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.77 Bhubaneswar Tuesday, May 4, 2021 | ୨୪ତମ ବର୍ଷ ସଂଖ୍ୟା-୭୭ ଭୁବନେଶ୍ୱର, ମଙ୍ଗଳବାର, ମେ ୪, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | 1₹ | (Air Surcharge - 0.50P) | Member-INS

## ଅପ୍ରେଲ ମାସରେ ରେକର୍ଡ ୧୧୨୬.୬୭ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ

କଟକ/ଭୁବନେଶ୍ୱର ୩।୫(ପି.ଏନ): ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଚଳିତ ଆର୍ଥିକ ବର୍ଷ (୨୦୨୧-୨୨) ଅପ୍ରେଲ ମାସରେ ଓଡ଼ିଶା ୧୧୨୬.୬୭ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି ସଂଗ୍ରହ କରି ଏକ ସର୍ବକାଳୀନ ରେକର୍ଡ ସୃଷ୍ଟି କରିପାରିଛି। ୨୦୧୯ ମସିହା ଏହି ସମୟରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ୯୨୭.୬୦ କୋଟି ଟଙ୍କା ଥିବାବେଳେ ୨୦୨୦ ମସିହା ଅପ୍ରେଲ ମାସରେ (କୋଭିଡ୍ ଦ୍ୱାରା ପ୍ରଭାବିତ) ଏହା ଥିଲା ମାତ୍ର ୩୬୦.୩୬ କୋଟି ଟଙ୍କା । ଏହା ପୂର୍ବରୁ ୨୦୨୧ ମସିହା ମାର୍ଚ୍ଚ ମାସରେ ସର୍ବାଧିକ ରାଜ୍ୟ ଜିଏସ୍‌ଟି ୯୫୪.୬୨ କୋଟି ଟଙ୍କା ସଂଗୃହୀତ ହୋଇଥିଲା । ଚଳିତ ବର୍ଷ ଅପ୍ରେଲ ମାସରେ ଏତେ ଅଧିକ ପରିମାଣରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପଛରେ ରହିଥିବା କାରଣଗୁଡ଼ିକ ମଧ୍ୟରେ ରହିଛି ଟିକସ ପଇଠରେ ଉନ୍ନତି, ଲୌହ ଇସ୍ପାତ କ୍ଷେତ୍ରରୁ ଅଧିକ ସଂଗ୍ରହ ଏବଂ ସର୍ବୋପରି ଟିକସ ଅଧିକାରୀଙ୍କ ଦ୍ୱାରା ରିଟର୍ଣ୍ଣ ଯାଂଚ କରଯାଇ ଦେୟ ଜିଏସ୍‌ଟି ଆଦାୟ, କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଓ ଅତିରିକ୍ତ ଟିକସ ବାବଦରେ ମଧ୍ୟ ଯଥାକ୍ରମେ ୯୫୨.୪୩ କୋଟି, ୧୧୫୭.୦୫ କୋଟି ଓ ୬୧୩.୩୩ କୋଟି ଟଙ୍କା ସଂଗୃହୀତ ହୋଇଥିବା ମୋଟ୍ ଜିଏସ୍‌ଟି ପରିମାଣ ହେଉଛି ୩୮୪୯.୪୮ କୋଟି ଟଙ୍କା, ଯାହା କି ଏଯାବତ୍ ଏକ ସର୍ବକାଳୀନ ରେକର୍ଡ । ୨୦୧୯ ମସିହା ଅପ୍ରେଲ ମାସରେ ଏହି ପରିମାଣ ୨୯୫୫.୬୦ କୋଟି ଟଙ୍କା ଥିବାବେଳେ କୋଭିଡ୍ ପ୍ରଭାବିତ ୨୦୨୦ ମସିହା ଅପ୍ରେଲ ମାସରେ ଏହା ଥିଲା ୭୭୪.୨୯ କୋଟି ଟଙ୍କା। ଭାଟ୍ ପଇଠ କରୁଥିବା ସମସ୍ତ ବ୍ୟବସାୟୀମାନେ ଯେହେତୁ ୨୦୨୧ ମସିହା ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ସେହି ମାର୍ଚ୍ଚ ମାସରେ ଟିକସ ପଇଠ କରି ସାରିଥିଲେ ବାକି ୫ ଦିନର ଟିକସ ୨୦୨୧ ମସିହା ଅପ୍ରେଲ ମାସରେ ସଂଗୃହୀତ ହୋଇଥିଲା, ଯାହାକି ୨୧୮.୯୫ କୋଟି ଟଙ୍କା। ୨୦୨୦ ମସିହା ଅପ୍ରେଲ ମାସରେ ଏହି ପରିମାଣ ୧୩୦.୧୧ କୋଟି ଟଙ୍କା ଥିବାବେଳେ ୨୦୧୯ ମସିହା ଅପ୍ରେଲ ମାସରେ ଏହା ଥିଲା ୧୮୩.୯୨ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ୬୮.୨୮ ପ୍ରତିଶତ ଅଭିବୃଦ୍ଧ ଘଟିଛି । ଏଥି ମଧ୍ୟରୁ ପେଟ୍ରୋଲିୟମ୍ କ୍ଷେତ୍ରରୁ ହୋଇଥିବା ସଂଗ୍ରହରେ ୧୭୫.୩୧ ପ୍ରତିଶତ ଅଭିବୃଦ୍ଧି ଘଟି ଚଳିତ ବର୍ଷ ଅପ୍ରେଲ ମାସରେ ୧୬୬.୮୭ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ୨୦୨୦ ମସିହା ଅପ୍ରେଲ ମାସରେ ଏହି ଆଦାୟ ପରିମାଣ ଥିଲା ୬୦.୬୧ କୋଟି ଟଙ୍କା । ନିୟମିତ ସର୍ଭେ ଓ ପଂଜୀକରଣ ମାଧ୍ୟମରେ ଟିକସ ପରିସର ବୃଦ୍ଧି କରିବା ଦିଗରେ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ସଂସ୍ଥା ଅଧିକ ଗୁରୁତ୍ୱ ଦେଇ ଆସିଛି । ୨୦୨୦-୨୧ ଆର୍ଥିକ ବର୍ଷରେ ୫୨,୨୧୦ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଥିଲା । ନିର୍ଦ୍ଧାରିତ ତାରିଖ ମଧ୍ୟରେ ଯେପରି ଅତିକମ୍ ରେ ୯୦ ପ୍ରତିଶତ ରିଟର୍ଣ୍ଣ ଦାଖଲ ହୋଇପାରିବ, ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ ସର୍କଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ଟିକସ ଦାଖଲ ଖିଲାପୀଙ୍କ ବିରୁଦ୍ଧରେ ୧,୨୯,୭୧୧ଟି ଜିଏସ୍‌ଟିଆର-୩ଏ ନୋଟିସ୍ ଜାରି କରାଯାଇଥିବାବେଳେ ଜିଏସ୍‌ଟି ଆଇନ୍‌ର ଧାରା ୬୨ ଅଧୀନରେ ୧୯,୨୬୮ଟି ଆସେସ୍‌ମେଂଟ କରାଯାଇଛି । ୨୦୨୧ ମସିହା ଅପ୍ରେଲ ମାସରେ ୧୫.୨୮ ଲକ୍ଷ ଇ-ୱେବିଲ୍ ନିର୍ଗମନ କରାଯାଇ-ଥିବାବେଳେ ୨୦୧୯ ମସିହା ଅପ୍ରେଲ ମାସରେ ଏହି ସଂଖ୍ୟା ଥିଲା ୧୧.୯୧ ଲକ୍ଷ ଏବଂ କୋଭିଡ୍ ପ୍ରଭାବିତ ୨୦୨୦ ମସିହା ଅପ୍ରେଲ ମାସରେ ଏହା ମାତ୍ର ୩.୫୬ ଲକ୍ଷ ଥିଲା। ନିକଟରେ ଟିକସ ଅଧିକାରୀଙ୍କ ସମୀକ୍ଷା କରି ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନୀ ତଥ୍ୟ ବିଶ୍ଳେଷଣ ବ୍ୟବସ୍ଥା ମାଧ୍ୟମରେ ଭୁଲ୍ ଭାବେ ଦାଖଲ ହୋଇଥିବା ରିଟର୍ଣ୍ଣଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକରୁ ଆଇନ୍ ଅନୁଯାୟୀ ଉପଯୁକ୍ତ ପରିମାଣର ଟିକସ ଆଦାୟ କରିବା ପାଇଁ କ୍ଷେତ୍ରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁନଶ୍ଚ ସଚ୍ଚୋଟ ଟିକସଦାତାମାନେ ଯେପରି ଅଯଥାରେ ହଇରାଣ ହରକତ ନହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।

### ସର୍ତାନାଳ ସେତୁ ଓ ଜୋର ପୋଲ ବିକଳ୍ପରାସ୍ତା ଅଗମ୍ୟ

## ଗାଁ ଲୋକଙ୍କ ହାତରେ ନିର୍ମାଣ କାର୍ଯ୍ୟ ଟେକିଦେଇ ଠିକାଦାର ଛୁ

ଭଦ୍ରକ ୩।୫(ପି.ଏନ): ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ସର୍ତାନାଳ ସେତୁ ଓ ମଣିନାଥପୁର ଜୋରପୋଲ ଗତ ଜାନୁୟାରୀ ମାସ ଠାରୁ ନିର୍ମାଣାଧିନ ଅଛି। ଏହି ସେତୁ ଦ୍ୱୟର ବିକଳ୍ପ ଓ ଅସ୍ଥାୟୀ ରାସ୍ତା ବହଳ କାଦୁଅ ଯୋଗୁଁ ଗତ ଦୁଇ ଦିନ ଧରି ଅଗମ୍ୟ ହୋଇ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅସ୍ଥାୟୀ ରାସ୍ତା ଦ୍ୱୟକୁ ଉପଯୁକ୍ତ ଭାବେ ପ୍ରସ୍ତୁତ କରାଯାଇ ନଥିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରୀଷ୍ମଋତୁରେ ସମ୍ପ୍ରତି ହେଉଥିବା କାଳବୈଶାଖି ପ୍ରଭାବରେ କ୍ରମାଗତ ଭାବେ ବର୍ଷା ହେଉଥିବାରୁ ରାସ୍ତା ଉପରେ ପାଣି ଜମି ରହି ଅତିଶୟ କାଦୁଅ ହୋଇଛି। ଏହି କର୍ଦ୍ଦମାକ୍ତ ରାସ୍ତାରେ ଶହ ଶହ ବେଆଇନ ବାଲି ବୋଝେଇ ହାଇୱା ଗତାଗତ କରୁଥିବାରୁ ବିକଳ୍ପ ରାସ୍ତା ପରେ ବଦଳ କାଦୁଅ ସୃଷ୍ଟି ହୋଇ ପଥଚାରୀଙ୍କ ପାଇଁ ମଧ୍ୟ ଅଗମ୍ୟ ହୋଇଛି। ଫଳରେ ଦୁଇ ଦିନ ଧରି ଏହି ରାସ୍ତାରେ ଯୋଗଯୋଗ ବସ୍ତୁତଃ ବିଚ୍ଛିନ୍ନ ହୋଇଛି। ଗତ ଜାନୁୟାରୀ ୯ତାରିଖରେ ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ସେତୁର ଶିଳାନ୍ୟାସ କରାଯାଇଥିଲା। ସର୍ତାନାଳ ସେତୁ ସମେତ ଏହି ରାସ୍ତାରେ ଥିବା ମୋଟ ଆଠଗୋଟି ସେତୁ ଓ ଏହି ରାସ୍ତାର ତୁଳସୀପୁର ଠାରୁ ସରସଦା ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ପାଂଚ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହି ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ୯ ମାସ ସମୟ ରଖାଯାଇଛି। ମାତ୍ର ଠିକାଦାରଙ୍କ ପକ୍ଷରୁ କେବଳ ସର୍ତାନାଳ ସେତୁ ଓ ମଣିନାଥପୁର ଜୋରପୋଲ ବହୁ ବିଳମ୍ବରେ ଆରମ୍ଭ କରାଯାଇଥିଲା। ପାଂଚ ମାସ ବିତିଯାଇଥିଲେ ବି ନିର୍ମାଣ କାର୍ଯ୍ୟ ଏକ ତୃତୀୟାଂଶ ହୋଇଛି। ଏହି ଦୁଇସେତୁ ବନ୍ୟା ଜଳରେ ବୁଡ଼ିଯାଉଥିବାରୁ ଅଗ୍ରାଧିକାର ଭିତିରେ ନିର୍ମାଣ କରାଯିବାକୁ ବିଭାଗ ପକ୍ଷରୁ ଠିକାଦାରଙ୍କୁ କୁହାଯାଇଥିଲା। ମାତ୍ର ଠିକାଦାର ଅନଭିଜ୍ଞ ସ୍ଥାନୀୟ ଲୋକଙ୍କ ହାତରେ ନିର୍ମାଣ କାର୍ଯ୍ୟ ଛାଡିଦେଇ କମିଶନି ନେଇ ଧରାଛୁଆଁ ଦେଉନଥିବାରୁ ଜନସାଧାରଣଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକେ ଦୋଷାରୋପ କରିଛନ୍ତି। ମାତ୍ର ଦୁଇଟି ସେତୁର କାର୍ଯ୍ୟକୁ ଯଦି ଠିକାଦାର ୯ ମାସ ସମୟ ନିଅନ୍ତି ତେବେ ବାକି ସମସ୍ତ କାର୍ଯ୍ୟ ସାରିବାକୁ ପ୍ରାୟ ପାଂଚବର୍ଷ ଲାଗିବ ବୋଲି ବିଭାଗକୁ ତାଚ୍ଛଲ୍ୟ କରାଯାଇଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ୨୦୧୪ ମସିହାରେ ଦୁଇକୋଟି ପଚାଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତୁଳସୀପୁର ଠାରୁ ସରସଦା ପର୍ଯ୍ୟନ୍ତ ପ୍ରାୟ ଦୁଇ କିଲୋମିଟର ରାସ୍ତା ଅଧାପନ୍ତରିଆ ଭାବେ ନିର୍ମାଣ କରାଯାଇଥିଲା। ଫଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ୨୦୧୭ ମସିହାରେ ବିଭାଗ ପକ୍ଷରୁ ସରସଦା ଠାରୁ ମଣିନାଥପୁର ପର୍ଯ୍ୟନ୍ତ ୧୧ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ୧୩,୬୦,୧୯,୭୩୧ ଟଙ୍କା। ବ୍ୟୟଅଟକଳରେ ହାତକୁ ନିଆଯାଇଥିଲା। ୨୦୧୮ ଜୁନ ସୁଦ୍ଧା ସାରିବାକୁ ଥିବା ନିର୍ମାଣ କାର୍ଯ୍ୟ ଏବେବି ଅଧୁରା ରହିଛି। ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ରଖାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁ ମତଦେଇଛନ୍ତି।

## ପୂର୍ବତଟ ରେଳପଥ ରେ ହୋଇଛି ୩୨୯ ଟନ୍ ଅମ୍ଳଜାନ ପରିବହନ

ଭୁବନେଶ୍ୱର,୩।୫(ପି.ଏନ): ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଥିବା ବିଭିନ୍ନ ଇସ୍ପାତ କାରଖାନାରୁ ମହାରାଷ୍ଟ୍ର, ତେଲେଙ୍ଗାନା, ହରିୟାଣା ଏବଂ ଦିଲ୍ଲୀ ପରି ରାଜ୍ୟ ମାନଙ୍କୁ ପ୍ରାୟ ୩୨୯ ଟନ୍ ତରଳ ମେଡିକାଲ ଅମ୍ଳଜାନ (ଏଲଏମଓ) ପରିବହନ କରିପାରିଛି।

ଅନୁଗୁଳ ସ୍ଥିତ ଟାଟା ଭୂଷଣ ସାଇଡିଂରୁ ସମୁଦାୟ ୧୮୭ ଟନ୍ ଏଲଏମଓ ପରିବହନ ହୋଇସାରିଛି । ସେହିଭଳି ୧୦୫ ଟନ୍ ଏଲଏମଓ ରାଷ୍ଟ୍ରିୟ ଇସ୍ପାତ ନିଗମ୍ ଲିମିଟେଡ୍, ବିଶାଖାପାଟନମ୍ ଏବଂ ଅନୁଗୁଳ ସ୍ଥିତ ଜିନ୍ଦଲ ଷ୍ଟିଲ୍ ପ୍ଲାଂଟରୁ ୩୧ ଟନ୍ ଏଲଏମଓ ପରିବହନ କରାଯାଇଛି। ଅକ୍ସିଜେନ ଏକ୍ସପ୍ରେସର ଦ୍ରୁତ ଗତି ପାଇଁ ସବୁଜ କରିଡର ଯୋଗାଇ ଦିଆଯାଇଛି । ଅମ୍ଳଜାନ ଏକ୍ସପ୍ରେସ ମାଧ୍ୟମରେ ସମଗ୍ର ଦେଶରେ କୋଭିଡ-୧୯ ରୋଗୀଙ୍କ ପାଇଁ ମେଡିକାଲ ଗୁଡିକରେ ଅମ୍ଳଜାନ ଉପଲବ୍ଧ କରାଇବା ପାଇଁ ବିଭିନ୍ନ ରାଜ୍ୟ ଗୁଡିକର ଅନୁରୋଧକୁ ଭାରତୀୟ ରେଳ ସୁନିଶ୍ଚିତ କରି ଅମ୍ଳଜାନ ପରିବହନ କରୁଛି।

୧୦୫ ଟନ୍ ଏଲଏମଓ ପରିବହନ କରିଥିବା ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ ୭ ଟ୍ୟାଙ୍କରରେ ବିଶାଖାପାଟନମରୁ ଛାଡିଥିଲା । ପୂର୍ବତଟ ରେଳପଥରୁ ଦ୍ୱିତୀୟ ଅକ୍ସିଜେନ ଏକ୍ସପ୍ରେସ ହରିୟାଣା ପାଇଁ ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରରେ ୩୨ ଟନ୍ ଏଲଏମଓ ପରିବହନ କରିଥିଲା । ଅନୁଗୁଳ ସ୍ଥିତ ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ତୃତୀୟ ଅମ୍ଳଜାନ ଏକ୍ସପ୍ରେସ ୫ ଟ୍ୟାଙ୍କରରେ ୬୩.୬ ଟନ୍ ଏଲଏମଓ ପରିବହନ କରି ଭାରତୀୟ ରେଳବାଇର ରୋରୋ ସେବା ଦ୍ୱାରା ତେଲେଙ୍ଗାନା ଅଭିମୁଖେ ଯାତ୍ରା କଲା ।

ସେହିଭଳି, ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରରେ ୩୦.୬ ଟନ୍, ଜିନ୍ଦଲ ଷ୍ଟିଲ୍ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରେ ୩୦.୮୬ ଟନ୍ ଏବଂ ଟାଟା ଭୂଷଣ ଷ୍ଟିଲ୍ ପ୍ଲାଂଟରୁ ଚାରି ଟ୍ୟାଙ୍କରେ ୬୦.୨୩ ଟନ୍ ଏଲଏମଓଯଥାକ୍ରମେ ଫରିଦାବାଦ, ଦିଲ୍ଲୀ କ୍ୟାଂଟ ଏବଂ ଏସଏନଏଜି କୁ ରୋରୋ ସେବା ମାଧ୍ୟମରେ ପଠାଯାଇଛି ।

ବିଭିନ୍ନ ରାଜ୍ୟରୁ ଖାଲି ଲିକ୍ୱିଡ୍ ମେଡିକାଲ୍ ଅମ୍ଳଜାନ ଟ୍ୟାଙ୍କର୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ଷ୍ଟିଲ ପ୍ଲାଂଟ ଗୁଡ଼ିକରୁ ଏଲଏମଓ ପରିବହନ କରିବାପାଇଁ ଆସୁଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅକ୍ସିଜେନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ଏବଂ ଏହି ଟ୍ରେନଗୁଡ଼ିକୁ ଶୀଘ୍ର ଗନ୍ତବ୍ୟ ସ୍ଥାନ ଗୁଡିକରେ ପହଂଚାଇବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିଛି। ତରଳ ଅମ୍ଳଜାନ ଏକ କ୍ରାୟୋଜେନିକ୍ କାର୍ଗୋ ଭାବରେ ସର୍ବାଧିକ ଯତ୍ନ ନିଆଯାଇଛି ଯେଉଁଥିରେ ସର୍ବାଧିକ ବେଗକୁ ତ୍ୱରାନ୍ୱିତ ଏବଂ ହ୍ରାସ କରାଯାଇପାରିବ ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ରୋଗୀଙ୍କ ଜୀବନ ରକ୍ଷା ପାଇଁ ସଙ୍କଟ ସମୟରେ ଅମ୍ଳଜାନ ଯୋଗାଣକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ତ୍ୱରିତ ସେବା ପ୍ରଦାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲାରେ କରୋନା ପରିଚାଳନା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ପ୍ରଦାନ

କେନ୍ଦ୍ରାପଡ଼ା, ୩।୫(ପି.ଏନ) : ସାମ୍ପ୍ରତିକ କରୋନା ମହାମାରୀ ଦ୍ୱିତୀୟ ଲହର ସଂକ୍ରମଣ ପରୀପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ କରୋନା ପରିଚାଳନା ସମ୍ପର୍କରେ ଜିଲ୍ଲାପାଳ ଅମୃତ ଋତୁରାଜ ସୂଚନା ଦେଇଛନ୍ତି । ଆଜି ଜିଲ୍ଲାରେ ୧୩୨ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ସୁଦ୍ଧା ଜିଲ୍ଲାରେ ପ୍ରାୟ ୬ଶହ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେଥି ମଧ୍ୟରୁ ଶତକଡା ୯୦ଭାଗ ଗୃହ ସଂଗରୋଧରେ ଓ ଅବଶିଷ୍ଟ ୧୦ଭାଗ କୋଭିଡ ଯତ୍ନ କେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି । ସଂପ୍ରତି ଛତା ଓ ପଟ୍ଟାମୁଣ୍ଡାଇ ଠାରେ ୨ଟି କୋଭିଡ ଯତ୍ନ କେନ୍ଦ୍ର ଚାଲୁରହିଥିବା ବେଳେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଆଉ କ କୋଭିଡ ଯତ୍ନ କେନ୍ଦ୍ର ଦିନେ ଦୁଇଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ । ବର୍ତମାନ ସୁଦ୍ଧା ଛତା ଓ ପଟ୍ଟାମୁଣ୍ଡାଇ କୋଭିଡ ଯତ୍ନ କେନ୍ଦ୍ରରେ ପ୍ରାୟ ୨ଶହ ଶଯ୍ୟା ଖାଲି ରହିଛି । ଆବଶ୍ୟକୀୟ ଅମ୍ଳଜାନ ସିଲିଣ୍ଡର ମହଜୁଦ ରଖାଯାଇଛି । ବାହାରୁ ଆସୁଥିବା ପ୍ରବାସୀମାନଙ୍କୁ ଗୃହ ସଂଗରୋଧରେ ରଖାଯିବା ନିମିତ ସଂପୃକ୍ତ ପଂଚାୟତର ସରପ ମାନେ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଯେଉଁମାନଙ୍କର ଗୃହ ସଂଗରୋଧ ପାଇଁ ଆବଶ୍ୟକ ଘର ନଥିବ ସେମାନଙ୍କୁ କୋଭିଡ ଯତ୍ନ କେନ୍ଦ୍ରରେ ରଖାଯିବାର ବ୍ୟବସ୍ଥା କରାଯିବ । ବର୍ତମାନ ସ୍ଥିତିରେ ଭୟଭିତ ହେବାର କିଛି କାରଣ ନାହିଁ । କୌଣସି ସ୍ଥାନରେ ଗୋଟିଏ ପରିବାର,ଗୋଟିଏ ସାହି କିମ୍ବା ଗୋଟିଏ ଗ୍ରାମରୁ ୧୫ରୁ ଉର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଲେ ସେହି ଅଂଚଳକୁ ମିନି କଂଟେନମେଂଟ ଜୋନ କରାଯିବ । ଯେହେତୁ ଏଯାବତ କୌଣସି ସ୍ଥାନରୁ ଏକ ସଙ୍ଗେ ୧୫ଜଣ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି ତେଣୁ ଜିଲ୍ଲାରେ ମିନି କଂଟେନମେଂଟ ଜୋନର ଆବଶ୍ୟକତା ପଡିନାହିଁ । ଯେଉଁ ସଂକ୍ରମିତଙ୍କ ଠାରେ ସାମାନ୍ୟ ଲକ୍ଷଣ ଦେଖାଯାଉଛି ସେମାନେ ଗୃହ ସଂଗରୋଧରେ ରହି ଚିକିତ୍ସିତ ହେବେ । ଯଦି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ନହୁଏ କିମ୍ବା ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ସେମାନଙ୍କୁ ଛତା କୋଭିଡ ହସପିଟାଲରେ ଚିକିତ୍ସାର ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଆଗାମି ୫ତାରିଖ ବୁଧବାର ଠାରୁ ରାଜ୍ୟ ସରକାର ସାରା ରାଜ୍ୟକୁ ଲକଡାଉନ ଘୋଷଣା କରିଥିବାରୁ କେନ୍ଦ୍ରାପଡା ଜିଲ୍ଲାରେ ଏହି ନିୟମକୁ କଡାକଡି ଭାବେ ଅନୁପାଳନ କରାଯିବ । ଜିଲ୍ଲାରେ ସଂକ୍ରମଣ ହ୍ରାସ ନିମିତ ଜିଲ୍ଲାବାସୀ ଲକଡାଉନର ନିୟମ ସଠିକ ଭାବେ ଅନୁପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସାମ୍ବାଦିକଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଦେଲେ ସାମ୍ବାଦିକ

କନ୍ଧମାଳ,୩।୫(ପି.ଏନ): ଦେଶ ତଥା ରାଜ୍ୟରେ କରୋନାର କରାଳ କାୟା ବିସ୍ତାର ଜାରୀ ରହିଥିବାବେଳେ ଏଥିରେ ଅନେକଙ୍କ ଜୀବନ ଯାଇଛି । ଏଥିରେ ସାମ୍ବାଦିକ ମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବାବେଳେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିଛି । ଏଥିପାଇଁ ଓଡିଶାର ପ୍ରମୁଖ ସାମ୍ବାଦିକ ସଂଗଠନ ଓୟୁଜେ ଦିର୍ଘ ଦିନ ହେଲା ସାମ୍ବାଦିକ ମାନଙ୍କୁ କରୋନା ଯୋଦ୍ଧା ଭାବରେ ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବୀ କରିଆସିଛି । ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକମାନଙ୍କୁ ସମ୍ମୁଖ ଯୋଦ୍ଧା ଭାବରେ ଘୋଷଣା କରିଛନ୍ତି। ଏହାସହିତ କରୋନାରେ ମୃତ୍ୟୁବରଣ କରିଥିବା ସାମ୍ବାଦିକ ମାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶୀ ପ୍ରଦାନ କରାଯିବା ବୋଲି ମଧ୍ୟ କହିଛନ୍ତି । ଏହି ଘୋଷଣାପରେ ଫୁଲବାଣୀ ତଥା ସମଗ୍ର କନ୍ଧମାଳ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଦେଇଛନ୍ତି । ଏହାଦ୍ୱାରା ନିରବଚ୍ଛିନ୍ନ ଭାବରେ ସମାଜର ହୀତରେ କାର୍ଯ୍ୟ କରୁଥିବା ସାମ୍ବାଦିକ ମାନଙ୍କର ମନୋବଳ ବୃଦ୍ଧି ହେବା ସହିତ ସେମାନଙ୍କର ପରିବାର ମଧ୍ୟ ସୁରକ୍ଷିତ ହେବ ବୋଲି କୁହାଯାଇଛି । କନ୍ଧମାଳ ଜିଲ୍ଲା ଓୟୁଜେ ପକ୍ଷରୁ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ବେହେରା, ସମ୍ପାଦକ ବ୍ରଜମୋହନ ନାୟକ, କାର୍ଯ୍ୟକାରୀ ସଭାପତି ଅସିତ କୁମାର ବେହେରା, ଉପସଭାପତି ବଳଦେବ ବେହେରା, ଅଶୋକ କୁମାର ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସନ୍ତୋଷ କୁମାର ମିଶ୍ର, ପ୍ରତାପ କୁମାର ବେହେରା, ଅଜିତ କୁମାର ନାୟକ, ପ୍ରଦୀପ କୁମାର ବେହେରା, ପ୍ରବୀଣ କୁମାର ପଟ୍ଟନାୟକ ଏବଂ ସମସ୍ତ ସଦସ୍ୟ ଜିଲ୍ଲା ପ୍ରେସ କ୍ଲବ ସଭାପତି ଶିବପ୍ରସାଦ ତ୍ରିପାଠି, ଉପସଭାପତି ସୁଜିତ କୁମାର ବେହେରା, ସମ୍ପାଦକ ଅଜିତ କୁମାର ମହାରଣା, ସଦାଶିବ ପାତ୍ର, ଏବଂ ଅନ୍ୟ ସଦସ୍ୟ ମାନେ ରାଜ୍ୟ ସରକାରଙ୍କର ଏହି ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଛନ୍ତି । ସୂଚନା ଯୋଗ୍ୟ ଓଡିଶା ସାମ୍ବାଦିକ ୟୁନିୟନ ଦୀର୍ଘଦିନ ହେଲା ସାମ୍ବାଦିକ ଗଣତି ସାମ୍ବାଦିକ ସୁରକ୍ଷା ଆଇନ ଆଣିବା ଏବଂ କରୋନାକାଳରେ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଭାବରେ ଘୋଷଣା କରିବା ସହିତ ସେମାନଙ୍କର କରୋନାରେ ମୃତ୍ୟୁ ହେଲେ ଅନୁକମ୍ପାରାଶି ପ୍ରଦାନ ପାଇଁ ଦାବିକରି ଆସୁଥିଲା । ଏହି ଘୋଷଣା ପରେ ସାମ୍ବାଦିକ ମହଲରେ ଖୁସି ବ୍ୟକ୍ତ କରାଯାଇଛି ।



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

## କେନ୍ଦୁଝରବାସୀ ଟୀକା ସଂକଟର ସମ୍ମୁଖିନ: ଚିନ୍ତାରେ ପ୍ରଥମ ଓ ଦ୍ୱିତିୟ ଡୋଜ ଅପେକ୍ଷାରତ ନାଗରିକ:ବଢୁଛି ଜନ ଅସନ୍ତୋଷ

କେନ୍ଦୁଝର୩।୫(ପି.ଏନ): କେନ୍ଦୁଝରକେନ୍ଦୁଝର ଜିଲ୍ଲାରେ କୋଭିଡ ଟୀକାର ଅଭାବ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖିଆଙ୍କ ସହ ପ୍ରଥମ ଡୋଜ ନେବା ପରେ ଦ୍ୱିତିୟ ଡୋଜ ଅପେକ୍ଷାରତ ନାଗରିକ ମାନଙ୍କ ଚିନ୍ତା ବଢାଇ ଦେଇଛି । କୋଭିଡ ମହାମାରି ରୁ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ଓ କୋଭିଡ ସହ ସଫଳତାର ସହ ଲଢେଇ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ସରକାରୀ ହସ୍‌ପିଟିଲ ମାନଙ୍କରେ ମାଗଣା ଟୀକାକରଣ ର ଘୋଷଣା କରାଗଲା । ଫଳରେ ଏହାକୁ ନେଇ ସମସ୍ତ ମଧ୍ୟରେ ସ୍ୱାଭାବିକ ଉତ୍ସାହ ବଢିଲା । ଏବଂ ପର୍ଯ୍ୟାୟକ୍ରମେ ଏହି ଟୀକାକରଣ ଅଭିଯାନରେ ବିଭିନ୍ନ ବୟସ ର ତଥା ବର୍ଗଙ୍କୁ ସାମିଲ କରାଗଲା । ପ୍ରଥମ ପର୍ଯ୍ୟାୟରେ ୬୦ ବର୍ଷରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଓ ପରବର୍ତି ତଥା ଦ୍ୱିତୀୟ ପର୍ଯ୍ୟାୟରେ ୪୫ ବର୍ଷରୁ ୫୯ ଓ ତୃତୀୟ ପର୍ଯ୍ୟାୟରେ ୧୮ ବର୍ଷରୁ ୪୪ ବର୍ଷର ବର୍ଗ ଙ୍କୁ ସାମିଲ କରାଗଲା । ଯାହା ସମସ୍ତଙ୍କ ପାଇଂ ଅବଶ୍ୟ ଖୁସିର ଖବର ଥିଲେ ମଧ୍ୟ ଟୀକାକରଣ କେନ୍ଦ୍ରରେ ବେଶ ଗହଳି ବଢିଲା । ଏପଟେ କିନ୍ତୁ ଟୀକାକରଣ ଆରମ୍ଭ ହେବା ପରେ ହଠାତ ଟୀକାର ଅଭାବ ପଡିଲା । କେନ୍ଦ୍ରରୁ ଆବଶ୍ୟକ ସଂଖ୍ୟକ ଟିକା ଆସିଲା ନାହିଁ । ଯାହା ଆସିଲା ତାହା ସମୁଦ୍ରକୁ ଶଙ୍ଖେ ସଦୃଶ୍ୟ ହେଲା । ଫଳରେ ଟୀକାକାରଣ କେନ୍ଦ୍ରରେ ଥିବା କର୍ମଚାରୀଙ୍କ ପାଇଁ ସମସ୍ୟା ସଷ୍ଟି ହେଲା । କାହାକୁ ଦେବେ କାହାକୁ ଛାଡିବେ ତାହା ସମମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହେଲା । ଟୀକାର ଅଭାବ କାରଣରୁ ଟୀକାକରଣ ଅଭିଯାନରେ ବାଧା ଉପୁଜିଲା । ଏବଂ ଯେଉଁଦିନ ଟୀକାକରଣ କରାଗଲା କମ୍ ଟୀକା ଆସିଥିବା କାରଣରୁ ଟୀକା ସରିଯିବା ଭୟରେ ଗହଳି ମଧ୍ୟ ଜୋର ହେଲା । ଏପରିକି କୋଭିଡ ନିୟମକୁ କେହି ନ ମାନିବା ଦେକିବାକୁ ମିଳିଲା । ଏବେ ଅନେକ ବରିଷ୍ଠ ନାଗରିକ ଦ୍ୱିତୀୟ ଡୋଜ ଅପେକ୍ଷାରେ ରହିଥିବା ବେଳେ କୌଣସି କାରଣରୁ ପ୍ରଥମ ଡୋଜ ନେଇ ନଥିବା ନାଗରିକ ମାନେ ବାରମ୍ବାର ଟୀକାକରଣ କେନ୍ଦ୍ରକୁ ଆସି ନିରାଶରେ ଫେରୁଛନ୍ତି । ଏପରିକି କେତେକ ବରିଷ୍ଟ ନାଗରିକ ଅନ୍ ଲାଇନ ରେ ରେଜିଷ୍ଟ୍ରେନ କରି ସେଥିରେ ଦର୍ଶଯାଉଥିବା ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ଟୀକା ନେବାକୁ ଆସି ମଧ୍ୟ ନିରାଶରେ ଫେରୁଛନ୍ତି । ଅନ୍‌ଲାଇନରେ ସଂପୃକ୍ତ ନାଗରିକ ମାନଙ୍କୁ ଦିଆଯାଉଥିବା ତଥ୍ୟ ସଂପର୍କରେ ଟୀକା କେନ୍ଦ୍ରର କର୍ମଚାରୀମାନେ ଅବଗତ ନ ଥିବା କହୁଛନ୍ତି । ଟୀକାର ଅଭାବ କରାଣରୁ ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ଶହ ଶହ ସଂଖ୍ୟାରେ ବରିଷ୍ଠ ନାଗରିକମାନେ ପ୍ରଥମ ଡୋଜର ୬ ସପ୍ତାହ ପରେ ଦ୍ୱିତିୟ ଡୋଜ ର ଅପେକ୍ଷାରେ ରହିଥିବା ବେଳେ ଏବେ ଟୀକାର ଅଭାବ ସେମାନଙ୍କ ଚିନ୍ତା ବଢାଇ ଦେଇଛି । ଅବଶ୍ୟ ଇତି ମଧ୍ୟରେ ଏକ ଶୁଭଖବର ଆସିଛି ବିଳମ୍ବରେ ହେଲେ ବି ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ କର୍ତୃପକ୍ଷ ବରିଷ୍ଠ ନାଗରିକ ମାନେ ଟୀକାକରଣ କେନ୍ଦ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା ତଥା ଅସୁବିଧା ଆଦିକୁ ଅନୁଭବ କରିଛନ୍ତି । ଏବଂ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସେମାନ ପାଇଁ ଟୀକାକରଣ କେନ୍ଦ୍ରକୁ ନଗର ଭବନକୁ ସ୍ଥାନାନ୍ତର କରାଯାଇଛି । ଫଳରେ କେବଳ କେନ୍ଦୁଝର ମ୍ୟୁନିସପାଲଟି ଅନ୍ତର୍ଗତ ସମସ୍ତ ବରିଷ୍ଠ ନାଗରିକ ମାନେ ସ୍ଥାନୀୟ ନଗରଭବନରେହିଁ ଟୀକା ନେବେ । ୧୮ ବର୍ଷରୁ ୪୪ ବର୍ଷ ବୟସର ବର୍ଗଙ୍କ ପାଇଁ ଟୀକା ଆସିବା ପରେ କେନ୍ଦ୍ର ସଂପର୍କରେ ନିଷ୍ପତି ନିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସକ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଅଶୋକ ଦାଶ ସୂଚନା ଦେଇଛନ୍ତି ।









ଟି ଟାଇମ୍

# ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

# ଅଜବ ବନ୍ଧୁତା

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କ ପୋଷା ଜୀବ ବିନା ମୁହୂର୍ତ୍ତେ ବଞ୍ଚିବାକୁ ଇଚ୍ଛା କରନ୍ତି ନାହିଁ । ଇଣ୍ଡୋନେସିଆର ସୁରାବାୟା ସହରରେ ରହୁଥିବା ହାଣ୍ଡାକୋ ନଜୋଟୁକାସାମା ତାଙ୍କର ପୋଷା କୁକୁର ଗୁଡିକୁ ତାଙ୍କୁ ପୁଅ ଝିଅ ପରି ଭଲ ପାଆନ୍ତି । ସେ ଯୁଆଡେ ଯାଆନ୍ତି କୁକୁର ଦୁଇଟିକୁ ସଙ୍ଗରେ ନେଇ ଯାଆନ୍ତି । ସେ ଏହି କୁକୁରଗୁଡିକର ସୁରକ୍ଷା ଓ ଷ୍ଟାଇଲର ପୁରାପୁରି ଯତ୍ନ ନିଅନ୍ତି । ସେ ସ୍କୁଟିରେ କୁକୁର ଦୁଇଟିକୁ ନେବା ସମୟରେ ମୁଣ୍ଡରେ ସେମାନଙ୍କୁ ହେଲମେଟ ଓ ଆଖିରେ ଚଷମା ପିନ୍ଧନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁତ୍ଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରିରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ଦ୍ତଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କୋଭିଡ୍ ପଜିଟିଭ ଥାଇ ବିଧାୟକ ରହୁଛନ୍ତି ଡ଼ାକବଙ୍ଗଳାରେ

ରାଉରକେଲା: ସୁନ୍ଦରଗଡ଼ ଜିଲ୍ଲାରେ କରୋନା ଦିନକୁ ଦିନ କାୟା ବିସ୍ତାର କରିବାରେ ଲାଗିଛି । ଏପରି ସ୍ଥିତିରେ ରଘୁନାଥ ପାଲ୍ଲୀ ବିଧାୟକ ସୁବ୍ରତ ତରାଇ ସେକ୍ଟର ୪ ସରକାରୀ ଡ଼ାକବଙ୍ଗଳାର ସୁଟ ନମ୍ବର ୧ରେ ବିଗତ ୮ ଦିନ ଧରି ରହିବା ଓ ସେକଥା ଜିଲ୍ଲା ପ୍ରଶାସନ ଜାଣି ନପାରିବା କଥା ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ଓ ଜିଲ୍ଲା ପ୍ରଶାସନର କୋଭିଡ୍ ପରିଚାଳନା ଉପରେ ପ୍ରଶ୍ନବାଚୀ ଲଗାଇଛି । ତେବେ ୮ରୁ ୧୦ ଦିନ ତଳେ ସୁବ୍ରତଙ୍କୁ କରୋନା ହୋଇଥିବା ନେଇ ସୋସିଆଲ ମିଡିଆରେ ପ୍ରଚାର ହେବା ପରେ ହଠାତ ସେ ସେକ୍ଟର ୪ ଡାକବଙ୍ଗଳାରେ ଥିବା ନେଇ ଲୋକେ ଜାଣିବାକୁ ପାଇଥିଲେ । ସେ ସୁଟ ନମ୍ବର ୧ରେ ରହିବା ସହ ତାଙ୍କର ଗାଡି ମଧ ବାହାରେ ରହୁଥିଲା । ଖାଲି ସେତିକି ନୁହେଁ ସେ ଏହି ଅବସ୍ଥାରେ ଯାତାୟତ ମଧ କରୁଥିଲେ ବୋଲି ମଧ ଅଭିଯୋଗ ହେଉଛି । ଜଣେ ୨ରୁ ୩ ଥରର ବିଧାୟକ ତା ଛଡା ବାରମ୍ବାର ମନ୍ତ୍ରୀ ପଦ ସମ୍ଭାଳିଥିବା ଲୋକ ତଥା ନବୀନ ସରକାରରେ ଜଣେ ଜଣାଶୁଣା ବ୍ୟକ୍ତି ଯେ ଏଭଳି କୋଭିଡ୍ କଟକଣାକୁ ଅମାନ୍ୟ କରୁଛନ୍ତି, ତାହା ବର୍ତମାନ ଆଲୋଚନାର ବିଷୟ ବସ୍ତୁ ହୋଇଛି । ବିଧାୟକ ରହିବା ଭିତରେ ସେଠାରେ ନୂଆକରି ଆସିଥିବା ନିର୍ବାହୀ ଯନ୍ତ୍ରୀ ଓ ଏସଡିଓ ମଧ ରହି ନିଜ କାମ ଚଳାଇଛନ୍ତି । କାରଣ ସେମାନେ ଏଯାଏ ସରକାରୀ ଘର ପାଇ ନାହାନ୍ତି । ତା ଛଡା ଏହି ଡାକ ବଙ୍ଗଳାରେ ନିୟମିତ ଭିଡ଼ ହେବା ସହ ସେଠାରେ କେୟାର ଟେକର ଓ ତାଙ୍କର ପରିବାର ରହୁଛନ୍ତି । ପାଖରେ ଏକ ଇଞ୍ଜିନିୟରିଂ କଲେଜ ମଧ ରହିଛି । କୋଭିଡ ଆକ୍ରାନ୍ତ ହେବା ପରେ ବିଧାୟକ ନିଜର ସେକ୍ଟର ୪ରେ ପାଇଥିବା ଆରଏସପି ଘର, ଡାକ୍ତରଖାନାକୁ ନଯାଇ ଏଭଳି ସର୍ବସାଧାରଣ ଯାଗା ଡାକ ବଙ୍ଗଳାରେ ରହିବା କେତେ ଦୂର ଠିକ୍ ତାହାର ତର୍ଜମା ଚାଲିଛି ।

ଅନ୍ୟପକ୍ଷରେ କୋଭିଡ୍ ଆସିବା ଦିନରୁ ଡାକବଙ୍ଗଳା ଗୁଡିକ ଜିଲ୍ଲାପାଳଙ୍କ ଅଧିନକୁ ଚାଲିଯାଇଛି, ତାଙ୍କର ବିନା ଅନୁମତିରେ କେହି ସେଠାରେ ରହିପାରିବେନି ବୋଲି ପିଡବ୍ଲୁଡି ବିଭାଗର ବାବୁ ମାନେ ସିଧା ସଳଖ ଆଇବି ବୁକିଂ ଲାଗି ଯାଉଥିବା ଲୋକଙ୍କୁ ଶୁଣାଉଛନ୍ତି । ତେବେ କୋଭିଡ୍ ଆକ୍ରାନ୍ତ ଥିବା ଜଣେ ବିଧାୟକ କାହାର ଅନୁମତି ନେଇ ସେଠାରେ ୮ ଦିନ ବିତାଇଲେଣି ସେ ବିଷୟରେ କିଏ କହିବ ବୋଲି ପ୍ରଶ୍ନ ହେଉଛି । ଅପରପକ୍ଷରେ ଏହି ଡାକ ବଙ୍ଗଳା ପୂର୍ବରୁ ମଧ କୋଭିଡ୍ ସମୟରେ ଆଉ କେତେକ ବିଧାୟକ ମାନଙ୍କୁ ନେଇ ଚର୍ଚ୍ଚାରେ ଥିଲା । ଜଣେ ଆଗଧାଡିର ବିଧାୟକ ଓ ରାଉରକେଲା ବିଧାୟକଙ୍କ ସହ ଆହୁରି ଅନେକ ସେଠାରେ ସାମାଜିକ ଦୂରତା ନଥାଇ ମିଟିଂ କରିବା ନେଇ ଉଠିଥିଲା ପ୍ରଶ୍ନ । ତାପରେ ମଧ ଜିଲ୍ଲା ପ୍ରଶାସନ ରାସ୍ତାକୁ ଆସିଲା ନାହିଁ । ତେବେ ବିଧାୟକ ଏଭଳି ଅବସ୍ଥାରେ ଥିବା ନେଇ ଜାଣିବା ପରେ ଖୋଦ୍ ନିର୍ବାହୀ ଯନ୍ତ୍ରୀ ଓ ଏସଡିଓ ଜିଲ୍ଲା ଛାଡି ତାଙ୍କ ଗାଁକୁ ଚାଲିଯାଇଥିବା ଖବର ମିଳିଛି । ଏହି ଖବର ପଦାକୁ ଆସିବା ପରେ ଯଦି ଆଇନ ତିଆରି କରୁଥିବା ଓ ଆଇନକୁ କାର୍ଯ୍ୟକାରୀ କରୁଥିବା ଲୋକଙ୍କର ଅବସ୍ଥା ଏଇଆ ହୁଏ ତେବେ ସାଧାରଣ ଲୋକଙ୍କଠାରୁ କ'ଣ ଆଶା କରାଯିବ ବୋଲି ପ୍ରଶ୍ନ ହେଉଛି ।

# ଜେଏମଏମର ଗୁରୁତ୍ୱ ପୂର୍ଣ୍ଣ ବୈଠକ

**ବାରିପଦା:** ବାରିପଦା ପୌରପରିଷଦର ଦାରୋଗାଡ଼ାହି ଗୋଲେଇ ନିକଟସ୍ଥ ତୁଳସୀ ମଣ୍ଡପ ପରିସରରେ ଜେଏମଏମର ଜିଲ୍ଲା ସଭାପତି ଫାଗୁ ହାଁସଦାଃଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ ମୁଖ୍ୟ ଅତିଥି ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଅଞ୍ଜନୀ ସୋରେନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ମୟୂରଭଞ୍ଜ ଜିଲ୍ଲା ସଙ୍ଗଠନକୁ ଅଧିକ ସୁଦୃଢ଼ ଓ ସଶକ୍ତିକରଣ କରାଇବା ଉପରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ବାକି ରହିଥିବା ବ୍ଲକ ସଙ୍ଗଠନ ଗୁଡ଼ିକୁ ଫେବୃଆରୀ ସୁଦ୍ଧା ଶେଷ କରାଇବା ଉପରେ ସମୀକ୍ଷା କରାଯାଇଥିବା ସମୟରେ ଡ଼ିସେମ୍ବର ୨୨ରେ ସାନ୍ତାଳୀ ଦିବସ ପାଳନ ଅବସରରେ ଜିଲ୍ଲାର ୨୬ଟି ବ୍ଲକରେ ଜେଏମଏମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୦୨୧ ଜନଗଣନାରେ ସାରନା କୋର୍ଡ଼କୁ ସ୍ଥାନିତ କରାଇବା ପ୍ରସ୍ତାବକୁ ଓଡ଼ିଶା ବିଧାନସଭାରେ ପାରିତ କରାଇ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇବାସହ ଜାନୁଆରୀ ୨ରେ ପ୍ରତ୍ୟେକ ବ୍ଲକରୁ ୧୦୦ ମଧ୍ୟରେ ମାଝୀ ହାଡ଼ାମମାନେ ଜନଗଣନାରେ ସାରନା ଧର୍ମ କୋର୍ଡ଼ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଇବା ନିମନ୍ତେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ଏଥି ସହିତ ଡ଼ିସେମ୍ବର ୧୦ରେ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର କେନ୍ଦୁଜିଆଣି ଡ଼ିପାସାହିଠାରେ ଆଦିବାସୀମାନଙ୍କ ଭଗବାନ ତଥା ସହୀଦ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇଥିବା ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରାଯିବା ସାଙ୍ଗକୁ ବିର୍ସା ମୁଣ୍ଡାଙ୍କୁ ସମ୍ପୂର୍ଣ୍ଣ ବ୍ରୋଞ୍ଜ ମୂର୍ତ୍ତିକୁ ରାଜ୍ୟ ସରକାର ତିଆରି କରି ଉକ୍ତ ସ୍ଥାନରେ ସ୍ଥାପନ କରାଇବା ପାଇଁ ଦାବି କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ସୋରେନ, ସୁନୀଲ ମାଝୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତି, ପ୍ରଭୂଦାନ ମାର୍ଣ୍ଡି, ଚକ୍ରଧାର ସିଂ, ରାମଚନ୍ଦ୍ର ହେମ୍ବ୍ରମ, ସୁଦାମ ହେମ୍ବ୍ରମ, ସାହେବ ରାମ ମାର୍ଣ୍ଡି, ଜଟିଆ ମାର୍ଣ୍ଡି, ରାଇସେନ ମୁର୍ମୁ, ଚିନ୍ତାମଣି ଟୁଡ୍ଡୁ, ବିକ୍ରମ ମୁର୍ମୁ, ମଦନ ମୋହନ ଟୁଡ୍ଡୁ, ଅନନ୍ତ ମୁର୍ମୁ, ଗୁଡ୍ରା ମାଝୀ, ପାରେଶ୍ୱର ମୁର୍ମୁ, କାମରାଜ ସୋରେନ, ପ୍ରତାପ ସୋରେନ, ଲକ୍ଷ୍ମଣ ମାଝୀ, ବାଜୁନ ସୋରେନ, ଅର୍ଜୁନ ମୁର୍ମୁ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ । ଶେଷରେ ରାଜ୍ୟ ମହିଳା ନେତ୍ରୀ ଶ୍ରୀମତୀ ସୋରେନ ମୟୂରଭଞ୍ଜ ପୂର୍ବ ଓ ପଶ୍ଚିମ ସାଙ୍ଗଠନିକ ଜିଲ୍ଲାର ସଭାନେତ୍ରୀ ଭାବେ ମୋର୍ଚ୍ଛନା ଦାସପଟ୍ଟନାୟକ ଓ ସରୋଜିନୀ ମୁର୍ମୁଙ୍କ ନାମ ଘୋଷଣା କରିଥିଲେ ।

# ନୀଳାଦ୍ରିବିହାର ଠାରେ କୁମାର ବିଶ୍ୱରଞ୍ଜନଙ୍କୁ ସମ୍ବର୍ଦ୍ଧିତ କଲେସାଂସଦ ଓ ବିଧାୟକ



ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱର (ଉ ର) ନିର୍ବାଚନ ମଣ୍ଡଳୀର ଅନ୍ତର୍ଗତ ବିଏମ୍‌ସି ର ୧୪ ନମ୍ବର ୱାର୍ଡରେ ରହୁଥିବା ବେଣୁଧର ଭୋଳ ଓ ମିନତୀ ଭୋଳଙ୍କ ସୁପୁତ୍ର କୁମାର ବିଶ୍ୱରଞ୍ଜନ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଉ ର୍ତ୍ତ୍ଣ ହୋଇଛନ୍ତି । ସର୍ବଭାରତୀୟ ସ୍ତରରେ ହେଉଥିବା ଏହି ପରୀକ୍ଷାରେ ୧୮୨ ତମ ସ୍ଥାନରେ ରହି ଓଡିଶା ପାଇଁ ଗର୍ବ, ଗୌରବ ଓ ସମ୍ମାନ ଆଣିଛନ୍ତି । ଏଭଳି ସଫଳତା ପରେ ନବ ନିର୍ବାଚିତ ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର (ଉ ର) ପୂର୍ବତନ ବିଧାୟକ ତଥା ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ନାରୀ ନେତ୍ରୀ ତଥା ସମାଜସେବୀ ଶ୍ରୀମତୀ ରୋଜାଲିନ୍ ପାଟ୍ଟଶାଣୀ ଓ ସ୍ଥାନୀୟ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ ସଭାପତି ଡ.ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସଧାରଣ ସଂପାଦକ ଓ ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ) ପ୍ରମୁଖ ତାଙ୍କ ବାସଗୃହକୁ ଯାଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି । ଶ୍ରୀ ସୁଜିତ୍ କୁମାର ଏହି ପରିପ୍ରେକ୍ଷିରେ କହିଛନ୍ତି ଯେ ବିଶ୍ୱରଞ୍ଜନଙ୍କ ସଫଳତା କେବଳ ଭୁବନେଶ୍ୱର ନୁହେଁ ସାରା ରାଜ୍ୟ ପାଇଁ ଗୌରବର ବିଷୟ । ନିମ୍ନ ମଧ୍ୟବି ପରିବାର ପିଲା କଠିନ ପରିଶ୍ରମ କରି କିଭଳି ସଫଳତାର ଶୀର୍ଷରେ ପହ୍ ହୁଏ ତାହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛନ୍ତି କୁମାର ବିଶ୍ୱରଞ୍ଜନ । ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ କିଭଳି ସଫଳତା ପାଇବା ପାଇଁ ଅର୍ଥ ଓ ଆଡମ୍ବରପୂର୍ଣ୍ଣ ଜୀବନଯାପନ ଆବଶ୍ୟକ ନୁହେଁ ତହାର ଏକ ଅନନ୍ୟ ଦୃଷ୍ଟାନ୍ତ କୁମାର ବିଶ୍ୱରଞ୍ଜନ । ନାରୀ ନେତ୍ରୀ ଶ୍ରୀମତୀ ରୋଜାଲିନ୍ ଆଗମୀ ଦିନରେ ସମସ୍ତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏବଂ ଅର୍ଥାଭାବରୁ ଯେଭଳି ପାଠପଢାରେ କୌଣସି ବାଧା ନ ଉପୁଜେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ କରି ଏହାକୁ ଦୃଷ୍ଟି ଦେବା ଆବଶ୍ୟକ ବୋଲି ତାଙ୍କ ମନ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାପତି ଡ. ପ୍ରକାଶ ଓ ସାଧାରଣ ସଂପାଦକ ଓ ସମାଜସେବୀ ବିଶ୍ୱଜିତ୍ ଏହା ଆମ ଅ ଳ ନୀଳାଦ୍ରିବିହାରକୁ ରାଜ୍ୟରେ ପରିଚିତ କରାଇବା ପାଇଁ ଅତ୍ୟନ୍ତ ସହାୟକ ହେବ ଓ ଏହା ଆମ ପାଇଁ ସମ୍ମାନ ଓ ଗୌରବର ବିଷୟ ଅଟେ । ପିତା ମାତା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶୁଭେଚ୍ଛୁଙ୍କ ପରାମର୍ଶ ଏବଂ ନିଜର ନିଷ୍ଠାପର ଉଦ୍ୟମ ପାଇଁ ଆଜି ସେ ସଫଳତାର ଶୀର୍ଷରେ ପହ ୍ପାରିଛନ୍ତି । ଏହାକୁ ଆଧାର କରି ଆଗମୀ ଦିନରେ ସମାଜରେ ବସବାସ କରୁଥିବା ସାଧାରଣ ଲୋକ, ଦରିଦ୍ର ଓ ନିଷ୍ପେଷିତ ଲୋକଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରିବେ ବୋଲି ଆମର ଆଶା ଓ ବିଶ୍ୱାସ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ଦେହୁରୀ, ଗୋବିନ୍ଦ କୁମାର, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । କୁମାର ବିଶ୍ୱ ରଞ୍ଜନ ତାଙ୍କ ମନ୍ତବ୍ୟରେ ସେ ପଢୁଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ପିତାମାତା ଓ ସ୍ଥାନୀୟ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘର ସହଯୋଗ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ ।

## ଉମୁରୀ ରେଲୱେ ଦ୍ୱିତୀୟ ଓଭର ବ୍ରିଜ କାମ ଆରମ୍ଭ

# ହାଇଡ୍ରୋଲିକ କମ୍ପ୍ରେସର ବ୍ୟବହାର କରି ଏହି ବ୍ରିଜ ହେଉଛି ସ୍ଥାନାନ୍ତର

ଜୟପୁର: ଜୟପୁର ଜାତୀୟ ରାଜପଥ ୨୬ର ଜୟପୁର - ବୋରିଗୁମ୍ମା ମଧ୍ୟରେ ଥିବା ଉମୁରୀ ରେଲୱେ ଦ୍ୱିତୀୟ ଓଭର ବ୍ରିଜ କାମ ଶନିବାର ଠାରୁ ଆରମ୍ଭ ହୋଇଛି । ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯେ କୌଣସି ଛୋଟ ହେଉ କି ବଡ ସାମଗ୍ରୀ ପରିବହନ କିମ୍ବା ସ୍ଥାନାନ୍ତରଣ ହେବା ଦେଖିଥିବେ । ଏଥି ପାଇଁ କ୍ରେନ ଠାରୁ ଆରମ୍ଭ କରି ଛୋଟ ବଡ ଗାଡି ବ୍ୟବହାର ହୋଇଥାଏ । ହେଲେ ଏକ ବିରାଟ କାୟ ରେଲୱେ ବ୍ରିଜ ବିନା କ୍ରେନ କିମ୍ବା ଗାଡି ସହାୟତାରେ ଅନ୍ୟ କୌଣସି ସ୍ଥାନକୁ କେବେ ସ୍ଥାନାନ୍ତରଣ ହେବା ଦେଖିନଥିବେ । ଉନ୍ନତ ଟେକ୍ନୋଲୋଜି ବ୍ୟବହାର କରି ଏମିତି ଏକ ବିଶାଳକାୟ ରେଲୱେ ବ୍ରିଜ ଏବେ ଜୟପୁର ଠାରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର ହେଉଛି । ପାଖା ପାଖି ୧୫୦ ମିଟର ସ୍ଥାନାନ୍ତର ହେବାକୁ ଥିବା ବେଳେ ଏଥି ପାଇଁ ୭ ଦିନ ସମୟ ଲାଗିବ । ୫୦ ଫୁଟରୁ ଅଧିକ ଉଚ୍ଚ ଏବଂ ୧୫୦ ଫୁଟରୁ ଦୀର୍ଘ ଏହି ବ୍ରିଜ ସ୍ଥାନାନ୍ତର ପାଇଁ ହାଇଡ୍ରୋଲିକ ଟେକ୍ନୋଲୋଜି ବ୍ୟବହାର କରାଯାଇଛି । ଆଉ ଏହା ଦେଖିବାକୁ ସ୍ଥାନୀୟ ଅଂଚଳରେ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳୁଛି । ପୂର୍ବରୁ ହାଇଡ୍ରୋଲିକ ଜ୍ୟାକ ବ୍ୟବହାର କରି ଗୋଟିଏ ଘର କିପରି ଉପରକୁ ଉଠାଯାଇ ପାରୁଛି ତାହା ଭୁବନେଶ୍ୱର ଓ କଟକରେ ଦେଖୁଥିଲେ । ତେବେ ଏହି ବ୍ରିଜ କିପରି ସ୍ଥାନାନ୍ତର ହେଉଛି । ଏଥି ଲାଗି ଜିଲ୍ଲାପାଳ ମହମ୍ମଦ ଅବଦୁଲ ଅଖତରଙ୍କ ନିର୍ଦ୍ଦେଶରେ ଟ୍ରାଫିକ କଟକଣା ଜାରି କରାଯାଇଛି । ଭାରୀ ଯାନ ଏବଂ ହାଲୁକା ଯାନ ଚଳାଚଳ ଲାଗି ରୋଡ ଡାଇଭରସନ ଲାଗୁ କରାଯାଇଛି । କୋରାପୁଟରୁ ବୋରିଗୁମ୍ମା ଅଭିମୁଖେ ଆସୁଥିବା ଭାରୀଯାନ ରାଣୀ ଗଡ଼ ଘାଟି ରାସ୍ତା ଦେଇ ବୋରିଗୁମ୍ମା ଏସଡିପିଓ କାର୍ଯ୍ୟାଳୟ ପାଖରେ ଏନଏଚକୁ ବାହାରିବ । ସେହିପରି ଜୟପୁରରୁ ବୋରିଗୁମ୍ମା ଅଭିମୁଖେ ଯିବାକୁ ଥିବା ହାଲୁକା ଯାନ ଗୁଡିକ ଏନ ଏଚ କାର୍ଯ୍ୟାଳୟ ପାଖରୁ ରାସ୍ତା ମକାପୁଟ ଦେଇ ଉମୁରି ଏଫସିଆଇ ଗୋଦାମ ଛକରେ ବାହାରିବ । ସପ୍ତାହ ଯାଏ ଏପରି ଡାଇଭର୍ସନ ଦେଇ ଗାଡି ଚଳାଚଳ କରିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ପ୍ରଶାସନ ନିର୍ଦ୍ଦେଶରେ ୪ଟି ସ୍ଥାନରେ ଡାଇଭରସନ କରାଯାଇଛି । ଜୟପୁର ଏନଏ,ଡିଭିଜନ ଅଫିସ, ଉମୁରୀ ଏଫସିଆଇ ଗୋଦାମ, ବୋରିଗୁମ୍ମା ଏସଡିପିଓ କାର୍ଯ୍ୟାଳୟ ଏବଂ କୋରାପୁଟ ଟ୍ରାଫିକ ଛକ ଠାରେ ପୋଲିସ ଟେଂଟ ପକାଇ ବସି ଡାଇଭର୍ସନ ଦେଖାଉଥିବା ଜଣାଯାଇଛି । ଜୟପୁର-ଛତିଡପୁଟ ରେଳ ଲାଇନର ୭୨୯ ନମ୍ବର ଓଭର ବ୍ରିଜ ଉମୁରି ରେଲୱେ ବ୍ରିଜ କାମ ହାତକୁ ନିଆଯାଇ ଅଧିକ ଚଉଡା କରାଯାଉଛି । କାର୍ଯ୍ୟ ନିକଟରେ ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହେରା, ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ପ୍ରମୁଖ ତଦାରଖ କରୁଛନ୍ତି ।

# ରାଜସ୍ଥାନରେ ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ମାଗଣା ଟୀକାକରଣ

**ଜୟପୁର: ରାଜସ୍ଥାନ ସରକାର ରାଜ୍ୟରେ ୧୮ ବର୍ଷରୁ ୪୫ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତିଙ୍କ ପାଇଁ ମାଗଣା ଟୀକା ଦେବା ପାଇଁ ନିଷ୍ପତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ରବିବାର ଦ୍ୱିପହରକୁ ଏହି ନିଷ୍ପତି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ଅଶୋକ ଗେହେଲଟ ରବିବାର ଦ୍ୱିପହରରେ ଟ୍ୱିଟ୍ କରିଛନ୍ତି ଯେ, ରାଜସ୍ଥାନ ସରକାର ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କୁ ପାଖାପାଖି ୩୦୦୦ କୋଟି ଟଙ୍କା ଖର୍ଚ୍ଚ କରି ମାଗଣା କୋଭିଡ୍ ଟୀକାକରଣ ପାଇଁ ନିଷ୍ପତି ନେଇଛନ୍ତି । ସେ କେନ୍ଦ୍ର ସରକାରଙ୍କୁ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ କହିବା ଅନୁସାରେ ଭାରତ ସରପାର ୬୦ ବର୍ଷ ଏବଂ ୪୫ ବର୍ଷରୁ ଅଧିକ ଲୋକଙ୍କ ପରି ୧୮ ବର୍ଷରୁ ଅଧିକ ଲୋକଙ୍କ ପାଇଁ ଟୀକାକରଣରଖର୍ଚ୍ଚ ବହନ କଲେ ରାଜ୍ୟର ବଜେଟ ବ୍ୟାହତ ହେବ ନାହିଁ । ରାଜ୍ୟ ସରକାରଙ୍କ ଏହି ନିଷ୍ପତି ଯୋଗୁଁ ଏହି ବର୍ଗର ପାଖାପାଖି ୩ କୋଟି ଲୋକଙ୍କୁ ସୁବିଧା ମିଳିବ ।**

# ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ରିସିଭ୍ କରିନଥିଲେ ।

# ବାରିପଦା ଆୟୁର୍ବେଦିକ୍ ମହାବିଦ୍ୟାଳୟ କେବେ ସରକାର ହାତକୁ ନେବେ

ବାରିପଦା: ବାରିପଦା ତଖତପୁରସ୍ଥିତ ଆୟୁର୍ବେଦିକ ମହାବିଦ୍ୟାଳୟର ପରିଚାଳନା ଓ ରକ୍ଷଣାବକ୍ଷେଣ ଭାର ସରକାର ହାତକୁ ନେବେ ଏହାକୁ ନେଇ ପ୍ରଶ୍ନ ଉଠିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ଡ଼ିସେମ୍ବର ଓ ୨୦୧୯ ଜାନୁଆରୀରେ ବାରିପଦା ଛଉପଡ଼ିଆଠାରେ ଆୟୋଜିର ସାଧାରଣ ସଭାରେ ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟକୁ ସରକାର ନିଜ ହାତକୁ ନେବେ ବୋଲି ଘୋଷଣା କରିଥିଲେ ମଧ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିଥିବା ଭଳି ମନେ ହେଉନାହିଁ । ଅଧିକନ୍ତୁ, ୨୦୧୬ ନଭେମ୍ବର ୮ରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ମହାବିଦ୍ୟାଳୟର ପରିଚାଳନା ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ଅନୁଦାନ ଯୋଗାଇ ଦେବାର ନିଷ୍ପତି ନିଆଯାଇଥିଲା ଏବଂ ୨୦୧୬ ଡ଼ିସେମ୍ବର ୧୨ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହାବିଦ୍ୟାଳୟକୁ ସରକାରୀ ଅନୁଦାନ ମଞ୍ଜୁର ହୋଇ ଥିଲେ ମଧ ଅଦ୍ୟାବଧି କାଣି କଉଡ଼ିଟିଏ ମିଳିପାରି ନାହିଁ । ସୂଚନା ଯୋଗ୍ୟ ଯେ, ଆୟୁର୍ବେଦିକ ମହାବିଦ୍ୟାଳୟ ୧୯୮୩ରେ ସ୍ଥାପିତ ହୋଇଥିବା ବେଳେ ଏକ ସରକାରୀ କମିଟି ଦ୍ୱାରା ପରିଚାଳିତ ହେଉଥିଲା । ମାତ୍ର ପରବର୍ତ୍ତି ସମୟରେ ପରିଚାଳନା କମିଟି ଉକ୍ତ ମହାବିଦ୍ୟାଳୟର ପରିଚାଳନା ଦାୟିତ୍ୱ ସମ୍ଭାଳିବା କ୍ଷେତ୍ରରେ ଅସମର୍ଥ ହୋଇଥିବାରୁ ଓଡ଼ିଶା ସରକାର ଏହାକୁ ନିଜ ହାତକୁ ନେବାର ସ୍ଥିର କରିଥିଲେ । ଏ ସମ୍ବନ୍ଧରେ ୨୦୦୫ ଡ଼ିସେମ୍ବର ୨୦ରେ ତତ୍କାଳୀନ ଜିଲ୍ଲାପାଳ ଭି କେ କାର୍ତ୍ତିକେୟନ ପାଣ୍ଡିଆନଙ୍କ ଅଧକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ସର୍ବସମ୍ମତିକ୍ରମେ ଆୟୁର୍ବେଦିକ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ସରକାରୀ ମାନ୍ୟତା ଦେବାକୁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଏବିଷୟରେ ସ୍ଥାନୀୟ ସାଂସଦ, ବିଧାୟକ, ପରିଚାଳନା କମିଟି ଓ ବୁଦ୍ଧିଜୀବୀମାନେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ମଧ କରିଥିବା ସମୟରେ ୨୦୦୮ରେ କେନ୍ଦ୍ର ସରକାର ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀମାନଙ୍କ ନାମଲେଖାକୁ ପ୍ରତ୍ୟାହାର କରାଇନେଇଥିଲେ । ଫଳରେ ମହାବିଦ୍ୟାଳୟରେ ତାଲ ଝୁଲିବାର ରାସ୍ତା ଫିଟାଇ ଦେଇଥିଲା । ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ଡ଼ିସେମ୍ବର ଓ ୨୦୧୯ ଜାନୁଆରୀରେ ବାରିପଦା ଛଉପଡ଼ିଆଠାରେ ଆୟୋଜିର ସାଧାରଣ ସଭାରେ ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟକୁ ସରକାର ନିଜ ହାତକୁ ନେବେ ବୋଲି ଘୋଷଣା କରିଥିଲେ । ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟ ସମାଜ ଦୃଷ୍ଟିକୋଣରୁ ଅନେକ ଗୁରୁତ୍ୱ ବହନ କରୁଛି । ଶିମିଳିପାଳ ଜୈବମଣ୍ଡଳ ପାଦ ଦେଶରେ ଅବସ୍ଥିତ ହୋଇଥିବା ସମୟରେ ଶିମିଳିପାଳ ଆୟୁର୍ବେଦିକ ଔଷଧୀୟ ବୃକ୍ଷର ଗନ୍ତାଘର ଓ ଏହା ଉତର ଓଡ଼ିଶାରେ ଏକ ମାତ୍ର ଆୟୁର୍ବେଦିକ ଶିକ୍ଷାଅନୁଷ୍ଠାନ ମଧ । ଏଣୁ ଅଧିକ ବିଳମ୍ବ କରା ନ ଯାଇ ମୁଖ୍ୟମନ୍ତ୍ରୀ ନବୀନ ନିଜ ଘୋଷଣା ଅନୁସାରେ ଓଡ଼ିଶା ସରକାର ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟକୁ ନିଜ ହାତକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଥିବା ଅମୂଲ୍ୟ ଔଷଧୀୟ ବୃକ୍ଷର ଏକ ହାର୍ବାଲ ଗାର୍ଡ଼େନ ଓ ଗବେଷଣାଗାର ପାଇଁ କ୍ଷେତ୍ର ପ୍ରସ୍ତୁତ କରାଇବା ନିମନ୍ତେ ଜନସାଧାରଣରେ ଦାବୀ କରାଯାଇଛି । ଏଥିସହିତ ବାରିପଦା ଆୟୁର୍ବେଦିକ ମହାବିଦ୍ୟାଳୟ ସୁପରିଚାଳିତ ହେଲେ ଅନେକ ଡ଼ାକ୍ତର, ଗବେଷକ ସୃଷ୍ଟି ହୋଇ ଜନତାଙ୍କ ସେବା କରିପାରିବେ । ଆୟୁର୍ବେଦିନ ବିଦ୍ୟା ପ୍ରାଚୀନ ଭାରତର ବିଦ୍ୟା । ଏଣୁ ଏହାର ପୁର୍ନଉଦ୍ଧାର କରାଇବା ସହ ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷା କରିବେ ବୋଲି ଜିଲ୍ଲାବାସୀ ଆସ୍ଥା ପ୍ରକଟ କରିଛନ୍ତି । ଏବିଷୟରେ ମହାବିଦ୍ୟାଳୟର ଅଧକ୍ଷ ଡ଼ା ଆଦିତ୍ୟ କୁମାର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି, ମହାବିଦ୍ୟାଳୟର କମିଟିରେ ସଭାପତି ଜିଲ୍ଲାପାଳ ରହିଛନ୍ତି ଏବଂ ଠିକ୍ ସରକାରୀ ମହାବିଦ୍ୟାଳୟ ଭଳି ପରିଚାଳିତ ହୋଇ ଆସୁଥିଲା । ମାତ୍ର କେନ୍ଦ୍ର ସରକାର ମହାବିଦ୍ୟାଳୟରେ ନାମଲେଖାକୁ କୌଣସି କାରଣ ନ ଥାଇ ପ୍ରତ୍ୟାହାର ନିମନ୍ତେ ନିର୍ଦ୍ଦେଶନାମା ଜାରି କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତେବେ ଆୟୁର୍ବେଦିକ ମହାବିଦ୍ୟାଳୟକୁ ସରକାର ହାତକୁ ନେବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ଉଚ୍ଚସ୍ତରୀୟ ବୈଠକ ଡ଼କାଇ ଆଲୋଚନା ଜାରି ରଖିଛନ୍ତି । ଏଥି ସହିତ ଏକ କମିଟି ବାରିପଦା ଗସ୍ତରେ ଆସି ମହାବିଦ୍ୟାଳୟ ପରିଦର୍ଶନ କରି ଫେରିଯାଇଛନ୍ତି ଏବଂ ସାକାରାତ୍ମକ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରାଇଥିବାର ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଉପରେ ଆସ୍ଥା ପ୍ରକଟ କରି ମହାବିଦ୍ୟାଳୟର ଅଧାପକ ଓ କର୍ମଚାରୀ ବିନା ଦରମାରେ କାର୍ଯ୍ୟ କରିଆସୁଥିବା ବେଳର ମହାବିଦ୍ୟାଳୟ ସଙ୍ଗଲଗ୍ନ ହସପିଟାଲରେ ଆସୁଥିବା ରୋଗୀମାନଙ୍କର ଚିକିତ୍ସା ଜାରି ରହିଛି ବୋଲି କହିଛନ୍ତି ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

**ଭୁବନେଶ୍ୱର:** ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ୬୮୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୨୬,୯୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

**ଭୁବନେଶ୍ୱର:** କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୪୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୩୭୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୦୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ବର୍ଷା ଜଳ ନିଷ୍କାସନ ନେଇ ଗଣ୍ଡଗୋଳ ଘଟଣାରେ ଜଣେ ଯୁବକ ଚିକିତ୍ସାଧିନ ଅବସ୍ଥାରେ ମୃତ

# ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତି ପୂରଣ ଦାବିରେ ଫାଣ୍ଡି ଆଗରେ ଶବ ରଖି ଧାରଣା

ଧର୍ମଶାଳା: ଗୁରୁବାର ଦିନ ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତର ୧୨ ନଂ ୱାର୍ଡରେ ବର୍ଷା ଜଳ ନିଷ୍କାସନ ନେଇ ଉଭୟ ପକ୍ଷରୁ ଗଣ୍ଡଗୋଳ ସୃଷ୍ଟି ହୋଇ ୬ ଜଣ ଆହତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଏହି ୧୨ ନଂ ୱାର୍ଡର ଗଣେଶ୍ୱର ସେଠୀଙ୍କ ପୁଅ ଅମର(୩୬) ବୋଲି ଜଣାପଡିଛି । ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତରିତ କରାଯାଇଥିଲା । ଆଜି ଅପରାହ୍ନରେ ତାଙ୍କ ଶବ ବ୍ରହ୍ମବରଦାରେ ପଂହଚିବା ପରେ ପରିବାର ଲୋକଙ୍କ ସହ ଏହି ୱାର୍ଡର ଶତାଧିକ ମହିଳା ଓ ପୁରୁଷମାନେ ବ୍ରହ୍ମବରଦା ଫାଣ୍ଡି ଆଗରେ ଶବ ରଖି ଧାରଣାରେ ବସିଥିଲେ । ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ବିଧବା ପରିବାରକୁ କ୍ଷତି ପୁରଣ ନିମନ୍ତେ ଦାବି କରିଥିଲେ । ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ଘଟଣାସ୍ଥଳରେ ପଂହଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟାନୁଷ୍ଠାନ ନେବା ସହ ସରକାରୀ ନିୟମ ଅନୁଯାୟୀ ସହାୟତା ନେଇ ଆଲୋଚନା କରିବା ପରେ ଧାରଣାକାରୀ ଧାରଣାରୁ ଉଠିଥିଲେ । ଏବଂ ସନ୍ଧ୍ୟାରେ ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଥିବା ଜଣାପଡିଛି । ମୃତ ଅମରଙ୍କର ୨ ପୁଅ ଥିବା ଜଣାପଡିଛି । ମୃତ ଅମର ରାଜମିସ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ । ପୂର୍ବରୁ ଏହି ଘଟଣାରେ ଧର୍ମଶାଳା ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇ ମୋଟ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

ସୂଚନା ଥାଉକି ଗୁରୁବାର ଦିନ ସକାଳେ କାଳବୈଶାଖୀର ପ୍ରଭାବରେ ବର୍ଷା ହୋଇଥିଲା । ଫଳରେ ଏହି ୱାର୍ଡର କାଳନ୍ଦୀ ସେଠୀଙ୍କ ଛାତ ଉପରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସିତ ସମୟରେ ଏହି ୱାର୍ଡର ହାଡିବନ୍ଧୁ ସେଠୀଙ୍କ ଘର ଦେଇ ପାଣି ଯାଉଥିଲା । ଯାହାକୁ ନେଇ ହାଡିବନ୍ଧୁଙ୍କ ପରିବାର ବିରୋଧ କରିଥିଲେ । ଏବଂ ଏହି ଘଟଣାକୁ ନେଇ ହାଡିବନ୍ଧୁଙ୍କ ପରିବାର ବ୍ରହ୍ମବରଦା ଅଂଚଳର ଭଦ୍ରଲୋକଙ୍କ ସହ ଆଲୋଚନା କରିଥିଲେ । ଭଦ୍ରଲୋକ ଏହି ସ୍ଥାନରେ ପଂହଚି ଘଟଣାର ତଦନ୍ତ କରିଥିଲେ । ଭଦ୍ରଲୋକଙ୍କ ସହ ଆଲୋଚନା ସମୟରେ କାଳନ୍ଦୀ ସେଠୀଙ୍କ ପରିବାର ଅମର,ଜଳଧର,ବଳରାମ ଓ ରାଜକୁମାର ପ୍ରମୁଖ ପ୍ରମୁଖ ଏହି ଘଟଣାକୁ ବିରୋଧ କରିବା ସହ ଟେକା ପଥର ଓ ଫାର୍ସାରେ ଆକ୍ରମଣ କରିଥିଲେ । ଫଳରେ ହାଡିବନ୍ଧୁଙ୍କ ପରିବାରର ରମା ଓ ରମାଙ୍କ ପତ୍ନୀ ସୁମିତ୍ରା,ସୁରେନ୍ଦ୍ରସୁବାଶ,ନବ,ସନ୍ତୋଷ ଓ ପ୍ରକାଶ ଗୁରୁତର ଆହତ ହୋଇଥିଲେ । ସମସ୍ତେ ନିଜ ଜୀବନ ରକ୍ଷା ନିମନ୍ତେ ପାଲଟା ଟେକା ପଥର ମାଡ କରିଥିଲେ । ଏହି ଘଟଣାରେ ଉଭୟ ପକ୍ଷରୁ ମୋଟ ୬ ଜଣ ଗୁରୁତର ଆହତ ହୋଇଥିଲେ




# ସାର୍ବଜନିନ ଟିକାକରଣ ଓ ପରୀକ୍ଷା ବୃଦ୍ଧି ନିମନ୍ତେ ସିପିଆଇ(ଏମ୍)ର ଦାବି

ଭୁବନେଶ୍ୱର (ପିଏନ୍): ସମଗ୍ର ଦେଶର କରୋନାର ଦ୍ୱିତୀୟ ଲହର ତାଣ୍ଡବ ସୃଷ୍ଟି କଲାଣି । କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ କରୋନା ସଂକ୍ରମଣ ରୋକିବା ରେ ବିଶ୍ୱରେ ଉଦାହରଣ ସ୍ତରୀୟ ହୋଇଥିବା ଏକ ମିଥ୍ୟା ଆସ୍ଫାଳନ ରୂପେ ପ୍ରତିପାଦିତ ହୋଇଛି । ସଂକ୍ରମଣ ସଂଖ୍ୟା ଦୃଷ୍ଟିରୁ ବିଶ୍ୱର ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉନ୍ନିତ ହେବା ହିଁ ଆମ ସଫଳତା । ଦେଶରେ ଦୈନିକ ସଂକ୍ରମିତ ସଂଖ୍ୟା ୨ ଲକ୍ଷରୁ ଅଧିକ ହେବା ପୂର୍ବରୁ କେବେ ଦେଖା ଦେଇ ନଥିଲା । ମୃତକଙ୍କ ସଂଖ୍ୟା ମଧ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଛି । ବିଶେଷ କରି ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ ପରି ବିଜେପି ଶାସିତ ରାଜ୍ୟ ଗୁଡିକର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ । ହସପିଟାଲରେ ଖଟିଆ ନାହିଁ । ମୃତ ବ୍ୟକ୍ତିଙ୍କ ଶବ ସତ୍କାର ପାଇଁ ଶ୍ମଶାନରେ ସ୍ଥାନ ନାହିଁ । ଏବେ ବିଭିନ୍ନ ରାଜ୍ୟରେ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟାକୁ ନ୍ୟୁନ କରି ଦେଖାଯାଉଛି । ଟିକା ଉତ୍ସବ ପାଳନ କେବଳ ଆତ୍ମପ୍ରଚାରରେ ସିମିତ । କେନ୍ଦ୍ର ସରକାର ଆବଶ୍ୟକ ପରିମାଣ ଟିକା ଯୋଗାଣ ନ କରିବାରୁ ଓଡିଶା ସମେତ ବହୁ ରାଜ୍ୟରେ ଟିକାଦାନ ବ୍ୟାହତ ହୋଇଛି । ଓଡିଶାର ଆବଶ୍ୟକତା ଅନୁଯାୟୀ କେନ୍ଦ୍ର ସରକାର ଟୀକା ଯୋଗାଇବା ପାଇଁ ଦାବୀ ଉଠାଇଛି । ଓଡିଶାରେ ମଧ କରୋନା ତା'ର କାୟା ବିସ୍ତାର କରି ଚାଲିଛି । ପିପିଲି ସମେତ ପୂର୍ବର ଉପନିର୍ବାଚନ ଗୁଡିକରେ ଲଗାମହୀନ ଜନ-ସମାବେଶ ଏବଂ କୁମ୍ଭମେଳା ପାଇଁ ଉତ୍ତରାଖଣ୍ଡ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ କରୋନା ସ୍ଥିତିକୁ ଆହୁରି ଅଧିକ ଜଟିଳ କରିଛି ।

ଓଡିଶା ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ବିଭିନ୍ନ ସଂସ୍ଥା ନିକଟରୁ ସଫଳତାର ସାର୍ଟିଫିକେଟ୍ ଯୋଗାଡ କରୋନା ସଂକ୍ରମଣ ବ୍ୟାପିବା ରୋକିବାରେ ସହାୟକ ହେବ କି?

ଓଡିଶାରେ ଦ୍ୱିତୀୟ କରୋନା ସଂକ୍ରମଣର ଲହର ୪ ମାସରେ ୨ଗୁଣରୁ ଅଧିକ ବଢିଛି । ବାହାର ରାଜ୍ୟରୁ ଆସୁଥିବା ଲୋକ ଏବଂ ବିଦେଶରୁ ଆସୁଥିବା ଲୋକଙ୍କ କଡାକଡି ପରୀକ୍ଷା ନିଷ୍ପତ୍ତି କେବଳ ପ୍ରଚାରରେ ସିମୀତ । ରାଜ୍ୟରେ ଟିକାର ମଡକ ପଡିଛି । ଟିକା ପ୍ରଦାନକୁ ସାର୍ବଜାନିନ କରିବା ଦୂରର କଥା ସିମୀତ ବର୍ଗର ଲୋକଙ୍କ ପାଇଁ ଟିକା ନାହିଁ । ଏଣେ ପରିକ୍ଷାକୁ ନିରୁତ୍ସାହିତ କରାଯାଉଛି । ଲୋକଙ୍କୁ ନିଜ ଦାୟିତ୍ୱରେ ଛାଡି ଦିଆଯାଉଛି । ରାତ୍ରୀକାଳୀନ କର୍ଫ୍ୟୁ, ସମାବେଶ ଗୁଡିକରେ କଟକଣାକୁ ଲାଗୁ କରିବା ପାଇଁ ପୁଲିସର ମାତ୍ରାଧିକ କାର୍ଯ୍ୟ ଲୋକଙ୍କୁ ଭୟଭୀତ କରିବ । କରୋନା ସଂକ୍ରମଣ ରୋକିବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । କେନ୍ଦ୍ର ନିକଟରେ ଏହି ଅର୍ଥ ପାଇଁ ରାଜ୍ୟ ସରକାର ଦାବୀ କରୁନାହାଁନ୍ତି ।

କରୋନାର ଦ୍ୱିତୀୟ ଲହର କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ ଜୀବନଜୀବିକାକୁ ଗଭୀର ଭାବେ ପ୍ରଭାବିତ କରିବ । ଏଣୁ ସି.ପି.ଆଇ. (ଏମ୍) ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ବିବୃତ୍ତିରେ ନିମ୍ନ ଦାବୀଗୁଡିକ ଉତ୍‌ଥାପନ କରାଯାଇଛି ।

ରାଜ୍ୟରେ ଟିକାକରଣକୁ ସାର୍ବଜନୀନ କରିବା ଏବଂ ଅଧିକ ପରୀକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଦରକାର । ଯୁଦ୍ଧକାଳୀନ ଭିତ୍ତିରେ ରାଜ୍ୟର ସମସ୍ତ ଜିଲ୍ଲାରେ କୋଭିଡ୍ ହସ୍‌ପିଟାଲ ଓ କେନ୍ଦ୍ର ଗୁଡିକୁ ତୁରନ୍ତ ପୁନଃ ପ୍ରତିଷ୍ଠା କରିବା ଦରକାର । ହସ୍‌ପିଟାଲ ମଧ୍ୟରେ ଆବଶ୍ୟକୀୟ ସରଞ୍ଜାମ, ପିପିଇ କିଟ, ଅମ୍ଳଜାନ ବ୍ୟବସ୍ଥା କରିବା ଦରକାର ।

ଓଡିଶା ବାହାରେ ରହୁଥିବା ଇଚ୍ଛୁକ ପ୍ରବାସୀମାନଙ୍କୁ କରୋନା-ପ୍ରବଣ ରାଜ୍ୟରୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଦାବୀ କରନ୍ତୁ । ରାଜ୍ୟକୁ ଫେରୁଥିବା ପ୍ରତ୍ୟେକ ଲୋକର ପରୀକ୍ଷା କରାଯାଉ ଏବଂ ତୁରନ୍ତ ରିପୋର୍ଟ ପ୍ରଦାନର ବ୍ୟବସ୍ଥା ହେଉ । ଜୀବିକା ସଙ୍କଟ ନିରାକରଣ ପାଇଁ ତୁରନ୍ତ ଖାଦ୍ୟ ଗୋଦାମରେ ପଡି ରହିଥିବା ଖାଦ୍ୟସାମଗ୍ରୀକୁ ମାଗଣା ବଣ୍ଟନ କରିବା ସହିତ ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ନଗଦ ପ୍ରଦାନ କରାଯାଉ ।

## 'ଆହ୍ୱାନ' ନାଟ୍ୟସଂସ୍ଥା ପକ୍ଷରୁ ଗୋଖନାରେ ଜଳଛତ୍ର ଓ ମାସ୍କ ବ□ନ

ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ଆହ୍ୱାନ' ପକ୍ଷରୁ ପବିତ୍ର ରାମନବମୀ ଅବସରରେ ଗୋଖନା ଛକଠାରେ 'ଆହ୍ୱାନ' କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରେ ଯାଉଥିବା ବାଟୋଇମାନଙ୍କୁ ଜଳଛତ୍ର ମାଧ୍ୟମରେ ଦହି ସର୍ବତ ଓ ମାସ୍କ ବ□ନ କରାଯାଇଥିଲା । 'ଆହ୍ୱାନ'ର ସମ୍ପାଦକ ବିଶ୍ୱଜିତ୍ ସାହୁଙ୍କ ଆବାହକତ୍ୱରେ ଜଳଛତ୍ର ଉଦ୍‌ଘାଟିତ ହେବା ସହିତ ଥଣ୍ଡା ଦହି ସର୍ବତ ସାଧାରଣ ଲୋକମାନଙ୍କୁ ବ□ନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପ-ସଭାପତି ପାଣ୍ଡବ ଚରଣ ସାହୁ ଫିତାକାଟି ଜଳଛତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ସମାଜସେବୀ ହୃଷିକେଶ ପତି, ସହସମ୍ପାଦକ ଅକ୍ଷୟ କୁମାର ପୃଷ୍ଟି, ସମାଜସେବୀ ଶଶୀଭୂଷଣ ସାମଲ, ଜିତେନ୍ଦ୍ର ବେହେରା, ଅଧିକାରୀ ନବକିଶୋର ଦାସ, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରୀଷ୍ମ ଋତୁରେ ଜଳଦାନ ଭଳି ମହତ କାର୍ଯ୍ୟକୁ ଆଗ୍ରହ ସହକାରେ ଆପଣେଇ ଥିବାରୁ 'ଆହ୍ୱାନ' ସଂସ୍ଥା ପ୍ରତି ଜନସାଧାରଣଙ୍କର ଆଦର ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଇଥିଲା ।

## ପଦ୍ମପୁର ଶିବ ମନ୍ଦିର ପରିସରରେ ଦିବ୍ୟ ଭବ୍ୟ ଯଜ୍ଞମଣ୍ଡପ ପ୍ରତିଷ୍ଠା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ଅବସ୍ଥିତି ପଦ୍ମେଶ୍ୱର ଶୈବପୀଠ ପରିସରରେ ଏକ ଭବ୍ୟ ଦିବ୍ୟ ସୁନ୍ଦର ନୂତନ ଯଜ୍ଞ ମଣ୍ଡପର ପ୍ରତିଷ୍ଠା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଯଜ୍ଞ ମଣ୍ଡପଟି ପଦ୍ମପୁର ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୁଷ୍ମନ୍ତ ସାହୁଙ୍କ ପୂର୍ଣ୍ଣ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରେ ଆରମ୍ଭ ହୋଇଥିଲା । କରୋନା ମହାମାରୀ ବିପ□ ସମୟରେ ନିର୍ମାଣ କାର୍ଯ୍ୟ ୧ ବର୍ଷ ବନ୍ଦ ରହିଥିଲା । ଏବେ ଯଜ୍ଞ ମଣ୍ଡପଟିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ପ୍ରତିଷ୍ଠା ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ଶୁଭ ମନାସିଛନ୍ତି । ପ୍ରତିଷ୍ଠା ଦିବସ ପୁଜାରେ କୁଳ ପୁରୋହିତ ହୃଦାନନ୍ଦ ଶତପଥି ପୂଜା କାର୍ଯ୍ୟ କରିଥିବା ବେଳେ ଦୁଷ୍ମନ୍ତ ସାହୁଙ୍କର ସୁପୁତ୍ର ଶ୍ରୀମାନ ମାନସ କୁମାର ସାହୁ ସଙ୍କଳ୍ପରେ ବସିଥିଲେ । କୋରନା କଟକଣା ନିୟମକୁ ପାଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦଶରଥପୁର ବ୍ଲକ ବ୍ୟାପକ ଦୁର୍ନିତି ଓ ନନ୍ଦିପୁର ଗ୍ରାମପ□ାୟତ ଅଫିସ ପୋଡିର ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା କଂଗ୍ରେସ

ଯାଜପୁର (ପିଏନ୍): ଗତ ୧୭ ତାରିଖ ରାତ୍ରରେ ଘଟିଥିବା ଦଶରଥପୁର ବ୍ଲକ ଅଧିନସ୍ଥ ନନ୍ଦିପୁର ଓ ବିରୁହାଁ ଗ୍ରାମ ପ□ାୟତ କାର୍ଯ୍ୟାଳୟରେ ଅଧିକାରୀ ସରପ□ଓ ଦଶରଥପୁର ବ୍ଲକର କେତେକ କର୍ମଚାରୀଙ୍କ ପ୍ରରୋଚନାରେ ଅଫିସ କାଗଜପତ୍ରରେ ଅଗ୍ନିସଂଯୋଗ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଉପକରଣ ଧ୍ୱଂସ କରାଯାଇଛି । ଏଥିନିମନ୍ତେ ଦଶରଥପୁର ବ୍ଲକ କଂଗ୍ରେସ କମିଟିର ସଭାପତି ଶ୍ୟାମସୁନ୍ଦର କରଙ୍କ ନେତୃତ୍ୱରେ ଯାଜପୁର ବିଧାନସଭା ମଣ୍ଡଳୀର ନେତା ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତା ମନୋରଞ୍ଜନ ଦାସ, ପୂର୍ଣ୍ଣ ଚନ୍ଦ୍ର ଜେନା, ବିଜୟ ମହାପାତ୍ର ପ୍ରଭୃତି କଂଗ୍ରେସର କର୍ମୀମାନେ ଜିଲ୍ଲାପାଳଙ୍କୁ ଭେଟି ନରିପେକ୍ଷ ତଦନ୍ତ କରିବା ପାଇଁ ଦାବି କରିବା ସହିତ ଦୋଷୀକୁ ଦୃଷ୍ଟାନ୍ତମୁଳକ ଦଣ୍ଡବିଧାନ କରିବା ପାଇଁ ଦାବି କରିଥିଲେ । ଏଥିସହିତ ଦଶରଥପୁର ବ୍ଲକର ବିଭିନ୍ନ ପ□ାୟତରେ ହୋଇଥିବା ଦୁର୍ନିତିର ସ୍ୱତନ୍ତ୍ର ଅଡିଟ୍ କରିବା ସହ ଭିଜିଲାନ୍ସ ଇନ୍‌କ୍ୱାରି ପାଇଁ ଜିଲ୍ଲାପାଳଙ୍କୁ ପ୍ରତିନିଧି ଦଳ ଅନୁରୋଧ କରିଥିଲେ ।

## ବହୁଚର୍ଚ୍ଚିତ ଖଣ୍ଡରା ପ□ାୟତ ଶୁଭଶ୍ରୀ ମୃତ୍ୟୁ ଘଟଣାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ

ଯାଜପୁର (ପିଏନ୍): ଶୁଭଶ୍ରୀ ହତ୍ୟାକାଣ୍ଡକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଘଟୁଥିବା ବେଳେ କଂଗ୍ରେସ ଦଳ ସରକାରୀ ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କର ଏହି ହତ୍ୟାକାଣ୍ଡରେ ହାତ ରହିଛି ବୋଲି ଦାବିକରିଛି । ଜିଲ୍ଲାପାଳଙ୍କୁ ଭେଟି କଂଗ୍ରେସର ଏକ ପ୍ରତିନିଧି ଦଳ ମୃତ ଶୁଭଶ୍ରୀ ହତ୍ୟାକାଣ୍ଡ ସମ୍ପର୍କରେ ଅବଗତ କରାଇବା ସହ ପୁଲିସ୍ ପ୍ରଶାସନର ନିରବତା ସମ୍ପର୍କରେ ମଧ୍ୟ ଘଟଣାର ତତ୍ପରତା ପ୍ରକାଶ ନକରି ତିନି ମାସ ନୀରବ ବସିରହିବା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟକରିଛି । ପୋଲିସ୍ ଏହି ଘଟଣାକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ହତ୍ୟାକାଣ୍ଡର ମୁଖ୍ୟ ଆଶାମୀ ଗରିଫ କରି ଓ ଘଟଣାକୁ ଚପାଇ ଦେବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏଣୁ ପିଡିତାକୁ ନ୍ୟାୟ ମିଳିବା ସହିତ ୨୦ ଲକ୍ଷ ଟଙ୍କାର କ୍ଷତି ପୁରଣ ଦେବାକୁ କଂଗ୍ରେସର ପ୍ରତିନିଧିଳ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଘଟଣାର ସତ୍ୟ ପ୍ରକାଶ ନିମନ୍ତେ ବିଚାର ବିଭାଗୀୟ ତଦନ୍ତ ମଧ ଦାବି କରିଛନ୍ତି । ଏହି ପ୍ରତିନିଧି ଦଳରେ ଦଶରଥପୁର ବ୍ଲକ କଂଗ୍ରେସ ସଭାପତି ଶ୍ୟାମସୁନ୍ଦର କର, ଯାଜପୁର କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ନନ୍ଦ, ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ନେତନା ମନୋରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା ସମେତ କଂଗ୍ରସ କର୍ମୀମାନେ ଜିଲ୍ଲାପାଳଙ୍କ ନିକଟରେ ଦତଦନ୍ତ ନିମନ୍ତେ ଅନୁରୋଧ କରିଛନ୍ତି ।

# ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଭାରତରତ୍ନ ପାଇଁ ଦାବି



ଭୁବନେଶ୍ୱର (ପିଏନ୍): ପ୍ରବୀଣ ଜନନାୟକ, ସାହିତ୍ୟିକ, ସଂପାଦକ, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ତରଫରୁ ୬ତମ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସାଧାରଣ ସଂପାଦକ ତଥା ଯୁବ ସମାଜସେବୀ ଶ୍ରୀ ବିଶ୍ୱଜିତ୍ ପଟ୍ଟନାୟକ (ସିଲୁ), ସଭ୍ୟବୃନ୍ଦ, କର୍ମକର୍ତ୍ତା, ଉପଦେଷ୍ଟା ଓ ସ୍ଥାନୀୟ ଅ ଳର ବାସିନ୍ଦା ଉପସ୍ଥିତ ରହି ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଅଭୁଲା ଓ ଅମର ଜୀବନ ସଂପର୍କରେ ଆଲୋକପାତ କରିବା ସହ ତାଙ୍କର ଆମାୟିକ ବ୍ୟବହାର ତଥା ସମାଜର ବିଭିନ୍ନ ଉଲ୍ଲେଖନୀୟ ଦିଗ ପ୍ରତି ତାଙ୍କ ସମର୍ପିତ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ସ୍ୱର୍ଗତ ପଟ୍ଟନାୟକ ୨୦୦୧ ମସିହାରେ ସଂଘର ଅଷ୍ଟମ ବାର୍ଷିକ ସାଂସ୍କୃତିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂଘର ସାଂସ୍କୃତିକ ଧାରାକୁ ବଜାୟ ରଖିବାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଯୁବକମାନଙ୍କର କଳା ଓ ସଂସ୍କୃତି ପ୍ରତିଥିବା ଆଗ୍ରହକୁ ଆଗେଇ ନେବାରେ ତାଙ୍କର ସବୁପ୍ରକାର ସାହାଯ୍ୟ ସହଯୋଗ ଓ ସହାନୁଭୂତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆସାମର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବାପରେ ସଂଘ ତାଙ୍କୁ ତାଙ୍କ ବାସ ଭବନରେ ସମ୍ବର୍ଦ୍ଧନା ଦେବା ଅବସରରେ ସେ ତାଙ୍କର ପୁରୁଣା ଦିନର ସ୍ମୃତିକୁ ମନେପକାଇବା ସହ ତାଙ୍କର ମେଳାପୀ, ବନ୍ଧୁ ବତ୍ସଳ, ଉତ୍ସାହ ଓ ଆତ୍ମୀୟତାବୋଧ ସଂଘ ପାଖରେ ଆଜି ବି ଜୀବନ୍ତ ଓ ଏକ ଅମୂଲ୍ୟ ସମ୍ପଦ ହୋଇ ରହିଛି । ଏହି ସମୟରେ ସ୍ଥାନୀୟ ଅ ଳର ଇଷ୍ଟ ଦେବତା ଈଶାଣେଶ୍ୱର ମହାଦେବଙ୍କ ମନ୍ଦିର ସଂପର୍କରେ ସେ ପଚାରି ବୁଝିଥିଲେ ଓ ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ମଧ୍ୟ ତାଙ୍କୁ ଉପସ୍ଥାପନ କରାଯାଇଥିଲା । ସ୍ୱଳ୍ପ ସମୟ ପାଇଁ ହେଲେ ମଧ୍ୟ ସଂଘ ସହିତ ବିତାଇ ଥିବା ମୁହୂର୍ତ୍ତ ଚିରସ୍ମରଣୀୟ ହୋଇ ରହିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସର୍ବଶ୍ରୀ ପ୍ରକାଶ ଚନ୍ଦ୍ର ସାହୁ, ଗଦାଧର ପ୍ରସାଦ ରଥ, ନିରଞ୍ଜନ ସାହୁ, ନାରାୟଣ ପ୍ରତାପ ରାୟ, ମଦନ ମୋହନ ପୃଷ୍ଟି, ଶିଶିର କୁମାର ମହାରଣା, ଗୋବିନ୍ଦ ଚନ୍ଦ୍ର ଦାସ, ଅର୍ଜୁନ ଦେହୁରୀ ଓ ନାଟ୍ୟ ନିର୍ଦ୍ଦେଶକ ଛବି ବାରିକ, ସ୍ଥାନୀୟ ବରଷ୍ଠ ନାଗରିକ ଓ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ରହି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା । ପରେ ପରେ ଅନୁଷ୍ଠାନର ଶୋକ ପୁସ୍ତିକାରେ ସ୍ୱାକ୍ଷର କରିବା ସହିତ ସଂଘର ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା ଧନ୍ୟବାଦ ପ୍ରସ୍ତାବ ସହ ସଭା ସାଂଗ କରାଯାଇଥିଲା ।

# ବିଧାୟକ ସାଂସଦ ମୁହାଁମୁହିଁ ସ୍ଥିତିରେ : କର୍ମୀ ବିଭାଜିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ହେଉଛି ରାଜନୀତିର ପ୍ରଶିକ୍ଷଣ କ୍ଷେତ୍ର । ଏହି କ୍ଷେତ୍ରରେ ଯିଏ ନାମ ଲେଖାଇଛି ସେ କେବେ କେଉଁଠି ହାରିବାର ପ୍ରଶ୍ନ ଉଠୁନି । ଏହି କ୍ଷେତ୍ରରୁ ରାଜ୍ୟର ବହୁ ବିଶିଷ୍ଟ ନେତା ବିଜୟୀ ହୋଇ ରାଜ୍ୟ ତଥା କେନ୍ଦ୍ର ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରି ହଇଚଇ ସୃଷ୍ଟି କରିଛନ୍ତି । ଅତୀତର ରାଜନୀତି ସହିତ ବ□ମାନ ରାଜନୀତିକୁ ତୁଳନା କଲେ ଏହା କଣ କେନ୍ଦ୍ରାପଡାର ରାଜନୀତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରଶ୍ନ କରନ୍ତି । ଆଜିକାଲି ଦଳୀୟ ଶୃଙ୍ଖଳାକୁ ପଛରେ ପକାଇ ନେତାମାନେ ମନମୁଖୀ ଭାବେ ରାଜନୀତି କରୁଛନ୍ତି ଫଳରେ ସଚା କର୍ମୀଟିଏ ବଳି ପଡୁଥିବା ଦେଖାଯାଉଛି । ଏପରି ରାଜନୈତିକ ସ୍ଥିତି କେନ୍ଦ୍ରାପଡାରେ ଦେଖିବାକୁ ମିଳୁଛି । ଏବେ ବିଧାୟକ ଓ ସାଂସଦଙ୍କ ମଧରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । କର୍ମୀମାନେ ଏହାର ଫାଇଦା ନେବାକୁ ଉଦ୍ୟମ କରୁଛନ୍ତି । ଗତ କିଛିଦିନ ପୂର୍ବେ କେନ୍ଦ୍ରାପଡା ବିଧାୟକଙ୍କ ପରିବାର ସଦସ୍ୟ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦର୍ଶନ କରିଥିଲେ ଓ ଏଥିରେ କେତେକ ଆଗଧାଡିର ଦଳୀୟ କର୍ମୀ ସାମିଲ ହୋଇଥିଲେ । ତାହାର ଠିକ ଗୋଟିଏ ଦିନ ପରେ ହଠାତ୍ କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଆସି ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ସହରର ଛାମୁଆ ନେତାମାନେ ସାମିଲ ହୋଇ ପ୍ରସାଦ ସେବନ କରିଥିଲେ । ଗତ ବିଶ୍ୱ ମହିଳା ଦିବସରେ କେନ୍ଦ୍ରାପଡା ସହରରେ ହୋଇଥିବା ବୈଠକରେ କେନ୍ଦ୍ରାପଡା ସାଂସଦକୁ ବାଛନ୍ଦ କରାଯାଇଥିଲା । ଯଦ୍ୱାରାକି କିଛି ଦିନ ଧରି ସାଂସଦ ଶ୍ରୀ ମହାନ୍ତି କେନ୍ଦ୍ରାପଡା ଆସୁ ନ ଥିଲେ । ତେବେ କେଉଁ ପରିସ୍ଥିତିରେ ସେ କେନ୍ଦ୍ରାପଡା ଗସ୍ତରେ ଆସି କେନ୍ଦ୍ରାପଡା ସହରର ବିକାଶ ପାଇଁ ସାଂସଦ ପାଣ୍ଠିକୁ ବିନିଯୋଗ କରିବେ ବୋଲି ଛାମୁଆ କର୍ମୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ତାହା ବୁଝାପଡୁନି । ସାଂସଦ ପାଣ୍ଠି ମାଧ୍ୟମରେ ସେ ସଂଗଠନ କରିବେ ବୋଲି ଆଲୋଚନା ହେଉଛି । ଏହି ଲକ୍ଷ୍ୟରେ ସହରର ନସଡିପୁରସ୍ଥିତ ମଦ୍ରାସା ବୁଲି ଦେଖିବା ସହିତ ବଳଦେବ ହାଇସ୍କୁଲକୁ ଯାଇ ସ୍କୁଲର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ନଗର ବିଜେଡିର ନେତାମାନେ ସାମିଲ ହୋଇଥିଲେ । ବିଧାୟକ ଶଶୀଭୂଷଣ ବେହେରାଙ୍କଠାରୁ ଦୂରେଇ ଯାଉଥିବା ବିଜେଡିର କିଛି ନେତା ସାଂସଦଙ୍କ ସହିତ ସାମିଲ ହୋଇ ଶ୍ରୀ ବେହେରାଙ୍କୁ ଝଟକା ଦେବାକୁ ଉଦ୍ୟମ କରୁଥିବା ଆଲୋଚନା ହେଉଛି । ଫଳରେ କେନ୍ଦ୍ରାପଡାରେ ବିଧାୟକ ସାଂସଦ ମୁହାଁମୁହିଁ ହେବାର ପରିସ୍ଥିତି ସୃଷ୍ଟି ହୋଇଛି । ଏହି ପରିସ୍ଥିତିରେ କେତେକ ଖ ବର୍ଗର ବିଜେଡି ନେତା ଫାଇଦା ନେବାକୁ ଉଦ୍ୟମ କରୁଥିବା ବେଳେ ସଚ୍ଚା ବିଜେଡି ନେତାମାନେ କ'ଣ କରିବେ ବୋଲି ଭାବି ବଳି ପଡୁଛନ୍ତି । ଏହି ଘଟଣା କେନ୍ଦ୍ରାପଡାରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଲୁଥେରାନ ଯୌନ ଶୋଷଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ ପୋଲିସ ପ୍ରଶାସନ ବିଫଳ

କେନ୍ଦ୍ରାପଡା (ପିଏନ୍): ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ପଟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ଲୁଥେରାନ ଯୌନ ଶୋଷଣ ମାମଲାରେ ସଂପୃକ୍ତ ଥିବା ଲୁଥେରାନର ସଭାପତି, ଶିଶୁ ଯତ୍ନ ଅନୁଷ୍ଠାନର ସୁପରିନଟେଣ୍ଡେ□, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ପି.ଓ. ଆଇ.ସି.ଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡାର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ନିର୍ଦ୍ଦେଶର ୯ ଦିନ ପରେବି ପ୍ରଶାସନ ଓ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଫଳ ହୋଇନଥିବା ଦେଖାଯାଇଛି । ଏଭଳି ପରିସ୍ଥିତିରେ ଉଭୟ ପୋଲିସ ଓ ପ୍ରଶାସନର ନୀରପେକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୁଥେରାନର ଜନୈକ ମହିଳା କର୍ମଚାରୀଙ୍କୁ ଦୁଷ୍କର୍ମ ଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପୋଲିସ ଓ ପ୍ରଶାସନ କାହିଁକି ପଛଘୁଂଚା ଦେଉଛି ତାହା ବୁଝାପଡୁନି । ଯଦି ଜିଲ୍ଲାର ଏଭଳି ଏକ ସଂଗୀନ ମାମଲାରେ ଅଭିଯୁକ୍ତଙ୍କ ପ୍ରତି ପ୍ରଶାସନ ଓ ପୋଲିସର କୋହଳ ମନୋଭାବ ଦେଖାଯାଏ ତେବେ ସାଧାରଣ କ୍ଷେତ୍ରରେ କିଭଳି ଲୋକମାନେ ନ୍ୟାୟ ପାଇପାରିବେ ତାହା ସହଜରେ ଅନୁମେୟ । ତେଣୁ ଜିଲ୍ଲା ପ୍ରଶାସନ ଓ ପୋଲିସ ଏହି ଘଟଣାରେ ଆଉ କାଳବିଳମ୍ବ ନକରି ଯଥାଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରପେକ୍ଷତାର ପ୍ରମାଣ ଦେଉ ବୋଲି ସାଧାରଣରେ ଆଲୋଚନା ହେଉଥିବା ଶୁଣିବାକୁ ମିଳିଛି ।

## କୋଭିଡ ସଚେତନତା ଓ ଅମାନିଆଙ୍କଠାରୁ ଜୋରିମାନା ଆଦାୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର ଗତ ଗୁରୁବାର କେନ୍ଦ୍ରାପଡା ସହରରେ ବୁଲି ବୁଲି ଜନସାଧାରଣଙ୍କ ସମେତ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ସଚେତନ କରିଥିବା ଦେଖିବାକୁ ମିଳିଛି । ଏଥିସହିତ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ପ୍ରତ୍ୟେକ ଦୋକାନ ସମ୍ମୁଖରେ ଧଳା ରଙ୍ଗରେ ଗୋଲେଇ କାଟି ସାମାଜିକ ଦୂରତା ରକ୍ଷା ପୂର୍ବକ ଗ୍ରାହକମାନେ ନିର୍ଦ୍ଦିଷ୍ଟ ଦୂରତାରେ ଛିଡା ହୋଇ ମୁହଁରେ ମାସ୍କ ପିନ୍ଧି ଦୋକାନରୁ ସଉଦା କିଣିବାର ବ୍ୟବସ୍ଥା କରିବାକୁ ଦୋକାନୀମାନଙ୍କୁ ପରାମର୍ଶ ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକର । କୋଭିଡ ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାଇ ଜୋରିମାନା ସହ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଦୋକାନୀମାନଙ୍କୁ କହିଛନ୍ତି । ସହରର ଦୋକାନ ଗୁଡିକ ସମ୍ମୁଖରେ ବିନା ମାସ୍କରେ ଥିବା ୩ଜଣ ମହିଳା ଓ ୫ଜଣ ପୁରୁଷ ଅମାନିଆଙ୍କ ଠାରୁ ୧୦ହଜାର ଟଙ୍କା ଜୋରିମାନା ପୋଲିସ ଆଦାୟ କରିଥିବା ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ମଡକରଙ୍କ ସହିତ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଟାଉନ ଥାନାର ଭାରପ୍ରାପ୍ତ ଇନସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ, ସବଇନସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଓ ଦୋକାନୀମାନଙ୍କୁ କୋଭିଡ ନିୟମ ଅନୁପାଳନ ସମ୍ପର୍କରେ ବୁଝାଇଥିଲେ ।

## ଦୁଇଟି ପୃଥକ ଦୁର୍ଘଟଣାରେ ୨ ମୃତ, ୬ ଆହତ

ଆନନ୍ଦପୁର (ପିଏନ୍): ଘଷିପୁରା ଓ ଆନନ୍ଦପୁର ଥାନା ଅଂଚଳରେ ଦୁଇଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ଆନନ୍ଦପୁର ଥାନା ଗୟଳମୁଣ୍ଡା ପଂଚାୟତ ଜାଳି ଗ୍ରାମ ନିକଟରେ ଏକ ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଭିକାରିମନ୍ଦା ଗ୍ରାମର କାପୁରା ସୋରେନ(୬୫) । ଅଟୋ ଓ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଧକ୍କା ହେବାରୁ ଅଟୋଟି ରାସ୍ତାକଡକୁ ଓଲଟି ପଡିଥିଲା । ଘଟଣାସ୍ଥଳରେ କାପୁରାଙ୍କର ମୃତ୍ୟୁ ଘଟିଥିଲା । ମାଇଲୋ ସୋରେନ୍(୩୨), ପୁରମାଲ ହାଁସଦା (୩୬), କାଳା ମୁର୍ମୁ(୪୨)ଙ୍କ ସମେତ ଆଉ ୩ଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଡାକ୍ତରଖାନାକୁ ପଠାଇଥିଲେ । ଆନନ୍ଦପୁର ପୋଲିସ୍ ମୃତଦେହକୁ ଜବତ କରି ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ଦୁର୍ଘଟଣା ଘଟାଇବା ପରେ ପିକଅପ ଭ୍ୟାନ୍ ଫେରାର ହୋଇଯାଇଛି । ସେହିପରି ୨୦ନଂ ଜାତୀୟ ରାଜପଥ ଘଷିପୁରା ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ନିକଟରେ ଟ୍ରକ୍ ଧକ୍କାରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ବୟସ ପାଖାପାଖି ୬୫ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି । ବୀରଗୋବିନ୍ଦପୁର ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଆଣିଥିଲା । ମୃତକଙ୍କ ପରିଚୟ ମିଳିନଥିବାରୁ ଶବକୁ ଅପରାହ୍ନରେ ଜିଲ୍ଲା ଶବାଗାରକୁ ପଠାଇ ଦିଆଯାଇଛି ।

## ଗ୍ରାମ୍ୟଉନ୍ନୟନ ଡିଭିଜନ କାର୍ଯ୍ୟାଳୟ ସାନିଟାଇଜ ହେଲା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା□ଳ ଅନ୍ତର୍ଗତ ଇଚ୍ଛାପୁର ଠାରେ ଥିବା ଗ୍ରାମ୍ୟ ଉନ୍ନୟନ ଡିଭିଜନର ଜନୈକ ଯନ୍ତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ ବାହାରିବା ପରେ ସଂପୂର୍ଣ୍ଣ କାର୍ଯ୍ୟାଳୟକୁ ସାନିଟାଇଜ କରାଯାଇଛି । ସଂପୃକ୍ତ ଯନ୍ତ୍ରୀ ଜଣଙ୍କ ଉଭୟ ଡିଭିଜନର ଦାୟିତ୍ୱରେ ଥିବାରୁ ଉଭୟ ଡିଭିଜନର ସଂପୂର୍ଣ୍ଣ କାର୍ଯ୍ୟାଳୟ ପରିସରକୁ ସାନିଟାଇଜ କରାଯାଇଥିବା ସୂଚନା ମିଳିଛି ।

## ବଳଦେବ ହାଇସ୍କୁଲର ପୁରାତନ ଛାତ୍ରଙ୍କ ବିୟୋଗରେ ଶୋକସଭା



କେନ୍ଦ୍ରାପଡ଼ା (ପିଏନ୍): ବଳଦେବ ହାଇସ୍କୁଲର ୧୯୯୩ମସିହା ମାଟ୍ରିକ ବ୍ୟାଚର ପୁରାତନ ମେଧାବୀ ଛାତ୍ର ଇଂ ପ୍ରିୟଶ୍ଳୋକ ଆର୍ଯ୍ୟଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ନାୟକଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ପରିଚାଳନା ସମିତି ସଭାପତି ଗୁରୁ ଚରଣ ପ୍ରଧାନ, ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ପ୍ରଧାନ, ପଣ୍ଡିତ ହରେକୃଷ୍ଣ ପତି, ରାଷ୍ଟ୍ରଭାଷା ଶିକ୍ଷକ ତପନ କୁମାର ଦାଶ, ହୃଷିକେଶ ସ୍ୱାଇଁ, କ୍ଷୀରୋଦ କୁମାର ପରିଡା, ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ର ସ୍ୱର୍ଗତ ଆର୍ଯ୍ୟଙ୍କ ସ୍ମୃତିଚାରଣ କରି କହିଥିଲେ ଯେ ସେ ଜଣେ ମେଧାବୀ, ମେଳାପି, ବନ୍ଧୁବତ୍ସଳ ଓ ପରୋପକାରୀ ଛାତ୍ର ଥିଲେ । ତାଙ୍କର ଅକାଳ ବିୟୋଗରେ ସମସ୍ତ ଶିକ୍ଷକ,ଶିକ୍ଷିକା,ପୁରାତନ ତଥା ନୂତନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି ।




Bhubaneswar Tuesday May 4, 2021 ଭୁବନେଶ୍ୱର ମଙ୍ଗଳବାର, ମେ ୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କନ୍ଧମାଳ ଜିଲ୍ଲାରେ ନୂଆ ୬୨ କରୋନା ସଂକ୍ରମିତ ଚିହ୍ନଟ ଫୁଲବାଣୀରେ ସର୍ବାଧିକ

କନ୍ଧମାଳ: କନ୍ଧମାଳ ଜିଲ୍ଲା ସମେତ ଫୁଲବାଣୀରେ କରୋନା ସଂକ୍ରମଣ ଦିନକୁ ଦିନ ଦ୍ରୁତ ଗତିରେ ବଢିବାରେ ଲାଗିଛି । ଜିଲ୍ଲାର ବିଭିନ୍ନ ଅଂଚଳରୁ ନୂଆ ୬୨ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳର ସର୍ବାଧିକ ୧୦ ଜଣଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ଜିଲ୍ଲାର ବାଲିଗୁଡା ବିଜ୍ଞାପିତ ଅଂଚଳର ୮ ଜଣ, ଘୁ.ଉଦୟଗିରିର ୬, ଦାରିଙ୍ଗବାଡିର ୫, କୋଟଗଡ ଅଂଚଳର ୬, କ.ନୂଆଗାଁର ୪, ତୁମୁଡିବନ୍ଧର ୨ ଜଣ, ଖଜୁରିପଡାର ୫ ଜଣ, ଫିରିଙ୍ଗିଆର ୨, ରାଇକିଆ ଏବଂ ଟିକାବାଲି ଅଂଚଳର ୯ ଜଣ ଲେଖାଏଁ ରହିଥିବାବେଳେ ଜିଲ୍ଲା ବାହାରେ ଜଣେ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ତେବେ ଆଜିର ସଂକ୍ରମିତ ମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୬,୬୭୯ ରେ ପହଂଚିଛି । ଗତକାଲି ସୁସ୍ଥ ହୋଇଥିବା ୩୫ ଜଣଙ୍କ ସମେତ ଜିଲ୍ଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୬,୧୯୬ ରହିଥିବାବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୫ ରହିଛି । ତେବେ ଜିଲ୍ଲାର ବିଭିନ୍ନ କୋଭିଡ୍ ହସପିଟାଲ, କୋଭିଡ କେୟାର ସେଣ୍ଟର ଏବଂ ସଙ୍ଗରୋଧରେ ରହି ମୋଟ୍ ୪୪୮ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି । ସଂକ୍ରମଣରୁ ରକ୍ଷା ପାଇବାପାଇଁ ଲୋକଙ୍କୁ ବାହାରକୁ ବାହାରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ବାରଣ କରାଯାଇଛି । କୌଣସି ଜରୁରୀ କାମରେ ବାହାରକୁ ଗଲାବେଳେ ମୁହଁରେ ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏବଂ ବାରମ୍ବାର ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି ।

# ୪ଟି ଜିଲ୍ଲା କୋର୍ଟ ଡିଜିଟାଇଜେସନ୍ କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର, ୩୦।୪(ପି.ଏନ): ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ. ଜଷ୍ଟିସ୍ ଏସ୍ ମୁରଲୀଧର ଓଡିଶାର ପ୍ରମୁଖ ୪ଟି ଜିଲ୍ଲା କୋର୍ଟ ଯଥା କଟକ, ଗଞ୍ଜାମ, ସମ୍ବଲପୁର ଏବଂ ବାଲେଶ୍ୱର ଜିଲ୍ଲାର ' ଜିଲ୍ଲା କୋର୍ଟ ଡିଜିଟାଇଜେସନ୍ କେନ୍ଦ୍ର'କୁ ଭର୍ଚୁଆଲ ବ୍ୟବସ୍ଥା ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଉଚ୍ଚ ନ୍ୟାୟାଳୟର ଅନ୍ୟ ବିଚାରପତିମାନେ ଭର୍ଚୁଆଲ ମାଧ୍ୟମରେ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଭିନ୍ନ ମାମଲାଗୁଡିକ ଫଇସଲା କରିବାରେ କେସ୍ ରେକର୍ଡଗୁଡିକ ସ୍କାନିଂ ଓ ଡିଜିଟାଇଜ୍ କରିବା ଉଦ୍ଦେଶ୍ୟରେ ଏହି ୪ଟି ଜିଲ୍ଲା କୋର୍ଟ ଡିଜିଟାଇଜେସନ କେନ୍ଦ୍ର ସ୍ଥାପନ କରାଯାଇଛି ।ଏହି ଅବସରରେ ଉଚ୍ଚ ନ୍ୟାୟାଳୟ କମ୍ପ୍ୟୁଟର କମିଟିର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୁଜାହାରୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଡିଜିଟାଇଜେସନ ଓ ଏହାର ଭବିଷ୍ୟତ ସମ୍ଭାବନାରେ ରହିଥିବା ବହୁମୂଲ୍ୟ ଅନ୍ତର୍ଦୃଷ୍ଟି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓକାକ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଶ୍ରୀ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ସ୍କାନିଂ ଓ ଡିଜିଟାଇଜେସନ ବ୍ୟବସ୍ଥାରେ ସେ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ପରେ ପରେ ମୁଖ୍ୟ ବିଚାର ପତି ଡଃ. ମୁରଲୀଧର ସମ୍ବଲପୁର ଜିଲ୍ଲା ପାଇଁ ପ୍ରାଶାସନିକ ବିଚାରପତି ରହିଥିବା ଡଃ. ଜଷ୍ଟିସ୍ ବି.ଆର୍.ଷଡଙ୍ଗୀଙ୍କ ଉପସ୍ଥିତିରେ ସମ୍ବଲପୁର ସ୍ଥିତ ସିନିୟର ସିଭିଲ ଜଜ( ଏଲ୍.ଆର ଓ ଏଲ୍ .ଟି.ଭି.)ର ସଂପ୍ରସାରିତ କୋଠା ଏବଂ ସିନିୟର ସିଭିଲ୍ ଜଜ( କମର୍ସିଆଲ କୋର୍ଟ)କୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଲୋକାର୍ପିତ କରିଥିଲେ। ଏହା ଦ୍ୱାରା ଜିଲ୍ଲାର ଆଇନ୍‌ଜୀବୀ ଏବଂ ନ୍ୟାୟ ଅପେକ୍ଷାରେ ଥିବା ଜନସାଧାରଣ ବହୁ ଭାବେ ଉପକୃତ ହେବେ । ମୁଖ୍ୟ ବିଚାରପତି ଚଳିତ ବର୍ଷ ଜାନୁଆରୀରେ କାର୍ଯ୍ୟଭାର ଗ୍ରହଣ କରିବା ପରେ କେସ୍ ରେକର୍ଡଗୁଡିକର ସ୍କାନିଂ ଓ ଡିଜିଟାଇଜେସନ ବ୍ୟବସ୍ଥାର ନବୀକରଣକୁ ଗୁରୁତ୍ୱ ଦେଇଛନ୍ତି । ବହୁଳ ମାତ୍ରାରେ କେସ୍ ରେକର୍ଡ ଗୁଡିକର ସ୍କାନିଂ ଓ ଡିଜିଟାଇଜେସନ କାର୍ଯ୍ୟ କରିବା ପାଇଁ ଉଚ୍ଚ ନ୍ୟାୟାଳୟ ପରିସରରେ ଅନେକଗୁଡିଏ ଡିଜିଟାଇଜେସନ ହବ୍ ସ୍ଥାପନ କରାଯାଇଛି । ଉଚ୍ଚ ନ୍ୟାୟାଳୟ ପରିସରରେ ଗତ ୪ ମାସରେ ଏକ ପୃଷ୍ଠା ବିଶିଷ୍ଟ ୭୧,୯.୦୨୩ ଏବଂ ୯୩,୦୬୫ଟି କେସ୍ ରେକର୍ଡକୁ ସ୍କାନିଂ କରାଯାଇଥିବା ବେଳେ ମୋଟ ୨,୨୪,୮୬,୭୧୭ ଏକକ ପୃଷ୍ଠା ଏବଂ ୨,୮୯,୨୭୨ ପୃଷ୍ଠାର କେସ୍ ରେକର୍ଡ ସ୍କାନିଂ କରାଯାଇଛି । ଜିଲ୍ଲା ଓ ସବ୍-ଅର୍ଡିନେଟ୍ କୋର୍ଟର କେସ୍ ରେକର୍ଡଗୁଡିକୁ ଡିଜିଟାଇଜ୍ କରିବା ଦୀର୍ଘ ଦିନର ଆବଶ୍ୟକତା ଥିଲା । ପର୍ଯ୍ୟାୟକ୍ରମେ ସେସବୁକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି।

## ପୁରୀରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ

ପୁରୀ: ପିପିପି ମୋଡ୍ ରେ ପୁରୀରେ ପ୍ରତିଷ୍ଠା ହେବ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ । ଭୁବନେଶ୍ୱର ସମ୍ ହସ୍ପିଟାଲ ଏହି କୋଭିଡ୍ ହସ୍ପିଟାଲର ପରିଚାଳନା ଦାୟୀତ୍ୱ ନେବ । ଜିଲ୍ଲାପାଳ ସମର୍ଥ ବର୍ମା ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ପୁରୀ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଏଥିପାଇଁ ଜିଲ୍ଲାରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲର ଆବଶ୍ୟକତା ରହିଛି । ଏହି ହସ୍ପିଟାଲରେ ୪୦ଟି ଆଇସିୟୁ ସହିତ ୪ଟି ଭେଂଟିଲେଟର ବ୍ୟବସ୍ଥା ରହିବ । ସେହିପରି ଗତ ୨୩ ତାରିଖରୁ ଆରଟିପିସିଆର ଟେଷ୍ଟିଂ ମେସିନ୍ ଅଚଳ ଥିବାରୁ ରୋଗୀଙ୍କ ଆଂଟିଜେନ୍ ଟେଷ୍ଟ କରାଯାଉଛି । ଏହା ସହ ଯେଉଁ ମାନଙ୍କ ଠାରେ କରୋନା ଲକ୍ଷଣ ଦେଖାଯାଉଛି ସେମାନେ ହସ୍ପିଟାଲ ଯାଇ ଡ଼ାକ୍ତରଙ୍କ ପରାମର୍ଶ ନେବାକୁ ଜିଲ୍ଲାପାଳ କହିଛନ୍ତି । ଚିହ୍ନଟ ହେଉଥିବା କରୋନା ସଂକ୍ରମିତ ମାନଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲରେ ଭର୍ତି କରାଯାଉଥିବା ଜିଲ୍ଲାପାଳ ଶ୍ରୀ ବର୍ମା ସୂଚନା ଦେଇଛନ୍ତି ।

# ପୂର୍ବତଟ ରେଳପଥ ରେ ହୋଇଛି ୩୨୯ ଟନ୍ ଅମ୍ଳଜାନ ପରିବହନ

ଭୁବନେଶ୍ୱର: ପୂର୍ବ ତଟ ରେଳପଥ ପରିସୀମା ମଧ୍ୟରେ ଥିବା ବିଭିନ୍ନ ଇସ୍ପାତ କାରଖାନାରୁ ମହାରାଷ୍ଟ୍ର, ତେଲେଙ୍ଗାନା, ହରିୟାଣା ଏବଂ ଦିଲ୍ଲୀ ପରି ରାଜ୍ୟ ମାନଙ୍କୁ ପ୍ରାୟ ୩୨୯ ଟନ୍ ତରଳ ମେଡିକାଲ ଅମ୍ଳଜାନ (ଏଲଏମଓ) ପରିବହନ କରିପାରିଛି ।

ଅନୁଗୁଳ ସ୍ଥିତ ଟାଟା ଭୂଷଣ ସାଇଡିଂରୁ ସମୁଦାୟ ୧୮୭ ଟନ୍ ଏଲଏମଓ ପରିବହନ ହୋଇସାରିଛି । ସେହିଭଳି ୧୦୫ ଟନ୍ ଏଲଏମଓ ରାଷ୍ଟ୍ରିୟ ଇସ୍ପାତ ନିଗମ୍ ଲିମିଟେଡ୍, ବିଶାଖାପାଟନମ୍ ଏବଂ ଅନୁଗୁଳ ସ୍ଥିତ ଜିନ୍ଦଲ ଷ୍ଟିଲ୍ ପ୍ଲାଂଟରୁ ୩୧ ଟନ୍ ଏଲଏମଓ ପରିବହନ କରାଯାଇଛି । ଅକ୍ସିଜେନ ଏକ୍ସପ୍ରେସର ଦ୍ରୁତ ଗତି ପାଇଁ ସବୁଜ କରିଡର ଯୋଗାଇ ଦିଆଯାଇଛି । ଅମ୍ଳଜାନ ଏକ୍ସପ୍ରେସ ମାଧ୍ୟମରେ ସମଗ୍ର ଦେଶରେ କୋଭିଡ -୧୯ ରୋଗୀଙ୍କ ପାଇଁ ମେଡିକାଲ ଗୁଡିକରେ ଅମ୍ଳଜାନ ଉପଲବ୍ଧ କରାଇବା ପାଇଁ ବିଭିନ୍ନ ରାଜ୍ୟ ଗୁଡିକର ଅନୁରୋଧକୁ ଭାରତୀୟ ରେଳ ସୁନିଶ୍ଚିତ କରି ଅମ୍ଳଜାନ ପରିବହନ କରୁଛି ।

୧୦୫ ଟନ୍ ଏଲଏମଓ ପରିବହନ କରିଥିବା ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ ୭ ଟ୍ୟାଙ୍କରରେ ବିଶାଖାପାଟନମରୁ ଛାଡିଥିଲା । ପୂର୍ବତଟ ରେଳପଥରୁ ଦ୍ୱିତୀୟ ଅକ୍ସିଜେନ ଏକ୍ସପ୍ରେସ ହରିୟାଣା ପାଇଁ ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରରେ ୩୨ ଟନ୍ ଏଲଏମଓ ପରିବହନ କରିଥିଲା । ଅନୁଗୁଳ ସ୍ଥିତ ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ତୃତୀୟ ଅମ୍ଳଜାନ ଏକ୍ସପ୍ରେସ ୫ ଟ୍ୟାଙ୍କରରେ ୬୩.୬ ଟନ୍ ଏଲଏମଓ ପରିବହନ କରି ଭାରତୀୟ ରେଳବାଇର ରୋରୋ ସେବା ଦ୍ୱାରା ତେଲେଙ୍ଗାନା ଅଭିମୁଖେ ଯାତ୍ରା କଲା ।

ସେହିଭଳି, ଟାଟା ଭୂଷଣ ଷ୍ଟିଲ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରରେ ୩୦.୬ ଟନ୍, ଜିନ୍ଦଲ ଷ୍ଟିଲ୍ ପ୍ଲାଂଟରୁ ଦୁଇଟି ଟ୍ୟାଙ୍କରେ ୩୦.୮୬ ଟନ୍ ଏବଂ ଟାଟା ଭୂଷଣ ଷ୍ଟିଲ୍ ପ୍ଲାଂଟରୁ ଚାରି ଟ୍ୟାଙ୍କରେ ୬୦.୨୩ ଟନ୍ ଏଲଏମଓଯଥାକ୍ରମେ ଫରିଦାବାଦ, ଦିଲ୍ଲୀ କ୍ୟାଂଟ ଏବଂ ଏସଏନଏଜି କୁ ରୋରୋ ସେବା ମାଧ୍ୟମରେ ପଠାଯାଇଛି ।

ବିଭିନ୍ନ ରାଜ୍ୟରୁ ଖାଲି ଲିକ୍ୱିଡ୍ ମେଡିକାଲ୍ ଅମ୍ଳଜାନ ଟ୍ୟାଙ୍କର୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ଷ୍ଟିଲ ପ୍ଲାଂଟ ଗୁଡ଼ିକରୁ ଏଲଏମଓ ପରିବହନ କରିବାପାଇଁ ଆସୁଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅକ୍ସିଜେନ ଏକ୍ସପ୍ରେସ ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ଏବଂ ଏହି ଟ୍ରେନଗୁଡ଼ିକୁ ଶୀଘ୍ର ଗନ୍ତବ୍ୟ ସ୍ଥାନ ଗୁଡିକରେ ପହଂଚାଇବା ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିଛି । ତରଳ ଅମ୍ଳଜାନ ଏକ କ୍ରାୟୋଜେନିକ୍ କାର୍ଗୋ ଭାବରେ ସର୍ବାଧିକ ଯତ୍ନ ନିଆଯାଇଛି ଯେଉଁଥିରେ ସର୍ବାଧିକ ବେଗକୁ ତ୍ୱରାନ୍ୱିତ ଏବଂ ହ୍ରାସ କରାଯାଇପାରିବ ।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ବିଦ୍ୟା ଭୂଷଣ ରୋଗୀଙ୍କ ଜୀବନ ରକ୍ଷା ପାଇଁ ସଙ୍କଟ ସମୟରେ ଅମ୍ଳଜାନ ଯୋଗାଣକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ତ୍ୱରିତ ସେବା ପ୍ରଦାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# କେନ୍ଦୁଝରରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ଲାଗି ଜିଲ୍ଲା ପ୍ରଶାସନର ତତ୍ପରତା: ଜାରି ହେଲା ନୂତନ ଗାଇଡ ଲାଇନ

କେନ୍ଦୁଝର: କେନ୍ଦୁଝର ରେ କରୋନା ର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଓ ଜାରି କରାଯାଇଥିବା ଗାଇଡ୍ ଲାଇନ ସଂପର୍କରେ ଜିଲ୍ଲାପାଳ ଆଶିଷ ଠାକରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ଠାକରେଙ୍କ ଦ୍ୱାରା ଦିଆଯାଇଥିବା ସୂଚନାନୁଶାରେ ବର୍ତମାନ ରୋଗୀମାନଙ୍କ ଠାରେ ଦେଖାଯାଉଥିବା ଲକ୍ଷଣନୁଶାରେ ସେମାନଙ୍କୁ ଆକ୍ସିଜେନର ଆବଶ୍ୟକ ଅଧିକ ପଡୁଛି । ତେଣୁ ଜିଲ୍ଲା ମୁଖ୍ୟାଳୟର କାର୍ଯ୍ୟକ୍ଷମ ଥିବା ରାଙ୍କିସ୍ଥିତ କୋଭିଡ ହସ୍ପିଟାଲରେ ଆଇ.ସି.ୟୁ. ସଂଖ୍ୟା ୪୫ କୁ ବଢାଇ ଦିଆଯାଇଛି । ଏବଂ ଏଠାରେ ୧୩୦ ଟି ଆକ୍ସିଜେନ ଶଯ୍ୟା ପସ୍ତୁତ କରି ରଖାଯାଇଛି । ଏବଂ ଜିଲ୍ଲାରେ ଡି.ଡି. କଲେଜର ଦୁଇଟି ଛାତ୍ରାବାସ ରେ ୨ଟି ସହ ଯୋଡା , ଚମ୍ପୁଆ , ବଡବିଲ ଓ ଆନନ୍ଦପୁର ଠାରେ ୫ଟି କୋଭିଡ କେୟାର ସେଟଂର ସ୍ଥାପନ କରାଯାଇଥିବା ବେଳ ୩୯୦ ଟି ଜେନେରାଲ ଓ ୧୨୦ ଟି ଅକ୍ସିଜେନ ବେଡର ସୁବିଧା ଥିବା ସେ ସୂଚନା ଦେଇଛନ୍ତି । ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସର ରେ ଥିବା ଦରବାର ହଲ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଜରିଆରେ ଶ୍ରୀ ଠାକରେ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାରୁ ପ୍ରତିଦିନ ଚିହ୍ନଟ ହେଉଥିବା ନୂତନ କରୋନା ରୋଗୀ ଙ୍କ ସଂଖ୍ୟା ମଧ୍ୟରୁ ପ୍ରାୟ ୫୦ ରୁ ୬୦ ଭାଗ ରୋଗୀ ମ୍ୟୁନିସିପାଲଟି ଅଂଚଳରୁ ହିଁ ରହୁଛନ୍ତି , ଯାହା ମଧ୍ୟରେ କେନ୍ଦୁଝର ସଦର ମ୍ୟୁନିସିପାଲଟି ଅଂଚଳ ସବୁଠାରୁ ଆଗରେ ରହିଛି । ତେଣୁ ଜିଲ୍ଲା ର ସବୁ ମ୍ୟୁନିସିପାଲଟି ଓ ଏହା ପାଖ ଆଖ ଅଂଚଳ ରେ ଏକା ସାଙ୍ଗରେ ପାଂଚ ଜଣ ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏବଂ ଆଜି ବୁଧବାର ସକାଳ ସୁଦ୍ଧା ଜିଲ୍ଲା ରେ ୨୦ ଟି ମାଇକ୍ରୋ କନ୍ଟେନମେନ୍ଟଯୋନ କରାଯାଇଥିବା ବେଳେ ତା ମଧ୍ୟରୁ ୧୬ ଟି ମାଇକ୍ରୋଯୋନ କେବଳ କେନ୍ଦୁଝର ମ୍ୟୁନିସିପାଲଟି ଅଂଚଳ ମଧ୍ୟରେ ରହିଅଛି । ଏହାସହ ଏହି ଯୋନ ମଧ୍ୟରେ ଥିବା ଲୋକ ମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲ୍ଲପାଳ ସ୍ୱଷ୍ଟ କରି ଦେଇଛନ୍ତି । ଯେହେତୁ ମ୍ୟୁନିସିପାଲଟି ଅଂଚଳ ରେ ଅଧିକ କୋଭ୍‌ଡ ଆକ୍ଟିଭ କେଶ ବାହାରୁଅଛି ସେଥିପାଇଁ ଏହି ଅଂଚଳ ମଧ୍ୟରେ ଥିବା ଖାଦ୍ୟ ସାମଗ୍ରୀ ଦୋକାନ ବା ହୋଟେଲ ଜଳଖିଆ ଆଦି ଦୋକାନ ରେ ଲୋକେ ବସି ଖାଇବାକୁ ବାରଣ କରାଯାଇଥିବା ବେଳେ କେବଳ ପାର୍ସଲ ନେବାକୁ ଅନୁମତି ଦିଆଯାଇଛି । କେନ୍ଦୁଝର ମୁନିସିପାଲ ଟି ଅଂଚଳରେ ୮ ଟି ର୍‌ୟାପିଡ ରେସପନ୍ସ ଟିମ ନିୟୋଜିତ କରାଯାଇଛି । ସେମାନେ ଘର ଘର ବୁଲି ନୂଆ କେଶକୁ ଚିହ୍ନଟ କରିବା ସହ ପୁରୁଣା କେଶର ହୋମ ଆଇସୋଲେସନ ଆଦିକୁ କୁ ତଦାରଖ କରବେ । ଏହାଛଡା ଆଶା କର୍ମୀ ଅଙ୍ଗନବାଡି କର୍ମି ଓ ଏ. ଏନ.ଏମ୍ ମାନେ କେନ୍ଦୁଝର ମ୍ୟୁନିସିପାଲଟି ଅଂଚଳରେ ୨୧ ଟି ୱାର୍ଡ ପର୍ଯ୍ୟୟ କମିଟି ଫର୍ମ କରାଯାଇଛି । ସେମାନେ ୱାର୍ଡରେ ଘରକୁ ଘର ବୁଲି ହୋମ ଆସୋଲେସନ ରେ ରହିଥିବା ଲୋକଙ୍କର ସ୍ୱାସ୍ଥ ର ସମକ୍ଷା କରିବେ ଓ ଦରକାର ହେଲେ ସେମାନଙ୍କୁ ସ୍ୱାସ୍ଥ ସେବା ଯୋଗାଇ ଦିଆଯିବା ଦିଗରେ ସଂପୃକ୍ତ ଅଧିକାରୀ ବା ବିଭାଗ ସହ ଯୋଗାଯୋଗ କରି ପଦକ୍ଷେପ ନେବେ । ଅନ୍ୟ ପକ୍ଷରେ ଜିଲ୍ଲାବାସୀ ବିନା କାରଣ ରେ କେଉଁଠାରେ ହେଲେ ବି ଗହଳି ନକରିବାକୁ ଏବଂ ବିନା କାମ ରେ ଘରୁ ନ ବାହାରକୁ ଜିଲ୍ଲାପାଳ ଶ୍ରୀ ଠାକରେ ପରାମର୍ଶ ଦେବା ସହ ନିଜର ଓ ଅନ୍ୟର ସୁରକ୍ଷା ଦୃଷ୍ଟିରୁ ବାହାରିଲେ ମାସ୍କ ପିନ୍ଧିବାକୁ କହିଛନ୍ତି । ଏହା ଛଡା ଜିଲ୍ଲା ରେ ଥିବା ସମସ୍ତ କୋଭ୍‌ଡ କେୟାର ସେନ୍ଟରେ ମାନଙ୍କରେ ଆଇସିୟୁ ଓ ଆକ୍ସିଜେନ ଆଦି ବେଡ ବୃଦ୍ଧି କରାଯାଉଥିବା ବେଳେ ପର୍ଯ୍ୟାପ୍ତ ପରିମାଣ ର ଆକ୍ସିଜେନ ମହଜୁଦ ଅଛି ଓ ଆସନ୍ତା ଦୁଇ ସପ୍ତାହକ ଭିତରେ ରାଙ୍କି ସ୍ଥିତ କୋଭ୍‌ଡ ହସ୍ପିଟାଲ ରେ ଅକ୍ସିଜେନ ତିଆରି ମେସିନ କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ସାମ୍ବାଦିକଙ୍କୁ କରୋନା ଯୋଦ୍ଧା ଘୋଷଣା, ଭଦ୍ରକ ଜିଲା ସାମ୍ବାଦିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ଭଦ୍ରକ: ରାଜ୍ୟର ୬୯୪୪ ଜଣ ସାମ୍ବାଦିକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୋନା ଯୋଦ୍ଧାର ମାନ୍ୟତା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ ଘୋଷଣାକୁ ଭଦ୍ରକ ଜିଲା ସାମ୍ବାଦିକମାନଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି । ଅତୀତରେ ସ୍ୱାସ୍ଥ୍ୟବୀମା ପ୍ରଦାନ ସମେତ କରୋନା ଆକ୍ରାନ୍ତ ଜନିତ ମୃତ୍ୟୁ କ୍ଷେତ୍ରରେ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରି ସାମ୍ବାଦିକଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନିଜର ସମ୍ବେଦନଶୀଳ ପ୍ରକଟ କରିଛନ୍ତି । ପରବ□ୀ ସମୟରେ ଏହି ଘୋଷଣା ଆଧାରରେ ମୃତାହତ ସାମ୍ବାଦିକମାନେ ମଧ ଉପକୃତ ହୋଇଛନ୍ତି । ମାତ୍ର କରୋନା ଯୋଦ୍ଧାଙ୍କ କ୍ଷେତ୍ରରେ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରି ସେମାନଙ୍କୁ ଅଗ୍ରାଧିକାର ଭି□ରେ ଟୀକା ପ୍ରଦାନ କରିଥିବାବେଳେ ସାମ୍ବାଦିକଙ୍କ କ୍ଷେତ୍ରରେ ୧୫ ଲକ୍ଷ ଟଙ୍କାର ପୂର୍ବ ଘୋଷଣାକୁ ଅପରିବ□ିତ ରଖିବା ଦୁର୍ଭାଗ୍ୟଜନକ । କରୋନା ଯୁଦ୍ଧରେ ସମ୍ମୁଖ ଭାଗରେ ରହି ସମାଜ ସଚେତନତା ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ସାମ୍ବାଦିକମାନଙ୍କ ପ୍ରତି ସରକାର ଅଧିକ ସମ୍ବେଦନଶୀଳତା ପ୍ରଦର୍ଶନ କରିବା ଉଚିତ୍ । ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା ସହ ଅଗ୍ରାଧିକାର ଭି□ରେ ଟୀକା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠାରେ ଦାବି ରଖାଯାଇଥିଲା । ଏହି ପରିପ୍ରେକ୍ଷୀରେ ବ୍ଲକ୍, ଉପଖଣ୍ଡ ଓ ସହରା□ଳରେ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଟୀକାକରଣରେ ସାମିଲ କରିବା ଓ ଅନ୍ୟାନ୍ୟ କରୋନା ଯୋଦ୍ଧାଙ୍କ ଭଳି ଅନୁକମ୍ପା ରାଶି ୫୦ ଲକ୍ଷକୁ ବୃଦ୍ଧି କରିବା ତଥା ସ୍ୱାସ୍ଥ୍ୟବୀମା ଯୋଜନାରୁ ବାଦ୍ ପଡିଥିବା ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ତଥା ୱେବ୍ ଚ୍ୟାନେଲ ପ୍ରତିନିଧିମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବାକୁ ସାମ୍ବାଦିକ ନିହାର ଦାସ, ଭଜଗୋବିନ୍ଦ ଜେନା, ପ୍ରମୋଦ ରାୟ, ନନ୍ଦଦୁଲାଲ ଦାସ, ପ୍ରତାପ ଦାସ, ଅମର ନାୟକ, ସ୍ମୃତିରଂଜନ ସାହୁ, ରବିନାରାୟଣ ଖିଲାର, ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ଅଶୋକ ନାୟକ, ତପନ ମିଶ୍ର, ତପନ ସ୍ୱାଇଁ, ଚାରୁଦ□ ନାୟକ, ଅବିନାଶ ପଣ୍ଡା, ଜ୍ଞାନପ୍ରକାଶ ପାଣି, ଗୌରହରି ନାୟକ, ସୁକାନ୍ତ ମହାନ୍ତି, ଶିବାନନ୍ଦ ଦାସ, ରାଜେନ୍ଦ୍ର ଜେନା, ଶଶିଭୂଷଣ ସ୍ୱାମୀ, ସତ୍ୟଭୂଷଣ ସ୍ୱାମୀ, ଜଗବନ୍ଧୁ ବେହେରା, ପାର୍ଥସାରଥୀ ନାୟକ, ଦେବାଶିଷ ମହାପାତ୍ର, ନରେନ୍ଦ୍ର ସାମଲ, ପ୍ରିୟଦର୍ଶନ ବୋଇତି, ରାଜେଶ ଦାସ, ରାକେଶ ଦାସ, ସ୍ନିଗ୍ଧା ରାୟ, ସିପ୍ରା ରାୟ, ଅଂଜଳି ଲେଙ୍କା, ଶୁଭେନ୍ଦୁ ଧଳ, ଦୁର୍ଗାଚରଣ ସାମଲ, ଅମ୍ଳାନ କୁମାର ପଣ୍ଡା, ତପନ ସାହୁ, ଅଭିରାମ ମିଶ୍ର, ମାନସ ପଣ୍ଡା, ଅଜୟ ପଣ୍ଡା, ଚିନ୍ମୟ ମାଝୀ, ସୌମ୍ୟରଂଜନ ପାଢୀ, ରମେଶ ପାଗଳ, ଲାଲା ପ୍ରମୋଦ ରାୟ, ବିଦ୍ୟାଧର ସାହୁ, ସମ୍ବିତ ନାୟକ, ନାରାୟଣ ବାରିକ, ନବକିଶୋର ସ୍ୱାଇଁ ପ୍ରମୁଖ ଦାବି ରଖିବା ସହ ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରିଥିବାରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ କୃତଜ୍ଞତା ଜ୍ଞାପନ କରାଯାଇଛି ।

## ନିଲମ୍ବିତ ଯୋଗାଣ ପରିବହନ ଠିକାଦାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁନଃ ନିଯୁକ୍ତିକୁ ବିରୋଧ

ଭଦ୍ରକ: ଭଣ୍ଡାରିପୋଖରୀ ବ୍ଲକର ଯୋଗାଣ ବିଭାଗ ନିଲମ୍ବିତ ଠିକାଦାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ପୁନଃ ନିଯୁକ୍ତିକୁ ସରପ□ ମନୋଜ କୁମାର ନାୟକ, ୱାର୍ଡ ସଦସ୍ୟ ଶ୍ୟାମସୁନ୍ଦର ସେନାପତି, ସଦାଶିବ ସାମଲ, ଲକ୍ଷ୍ମଣ ବାରିକ, ଜୟନ୍ତ ସାମଲ ପ୍ରମୁଖ ବିରୋଧ କରିଛନ୍ତି । ଜିଲ୍ଲା ପ୍ରଶାସନ ଜାନୁୟାରୀ ୧୨ ତାରିଖରେ ପତ୍ର ସଂଖ୍ୟା ୧୫୦ରେ ଶ୍ରୀ ମହାପାତ୍ରଙ୍କ ପୁନଃନିଯୁକ୍ତିକୁ ବିରୋଧ କରି ଯୋଗାଣ ବିଭାଗ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଥିଲେ । ମାତ୍ର ଗତ ଅପ୍ରେଲ ୧୯ ତାରିଖରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ନିଲମ୍ବିତ ଠିକାଦାର ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ଯୋଗାଣ ଅଧିକାରୀ ପୁନଃ ନିଯୁକ୍ତି ଦେଇଦେଲେ । ଘଟଣାରେ ଭଣ୍ଡାରିପୋଖରୀ ଥାନାରେ ଥିବା ଫୌଜଦାରୀ ମାମଲାର ଛଅ ମାସ ପରେ ମଧ ଚାର୍ଯ ସିଟ ହୋଇନାହିଁ । ଘଟଣାରେ ଡିଲର ବିଷ୍ଣୁ ମଲ୍ଲିକଙ୍କୁ ଜିଲ୍ଲା ପ୍ରଶାସନ ନିଲମ୍ବିତ କରିଥିଲା । ଶ୍ରୀ ମହାପାତ୍ର କାରଣ ଦର୍ଶାଓର ଉ□ର ରଖି ସଂପୃକ୍ତ ଗାଡି ନଭେମ୍ବର ୧୦ ତାରିଖରୁ ବ୍ରେକଡାଉନ ଥିବାରୁ ସେ ନିର୍ଦ୍ଦୋଶ ବୋଲି କହିଥିଲେ । ମାତ୍ର ସ୍ଥାନୀୟ ଏଭଳି ସଫେଇ ମିଥ୍ୟା ବୋଲି ମତ ଦେଇଛନ୍ତି । ସଂପୃକ୍ତ ଗାଡି ନଭେମ୍ବର ୧୧, ୧୭ ଓ ୧୮ ତାରିଖରେ ବିଭିନ୍ନ ଡିଲରଙ୍କ ନିକଟକୁ ସାମଗ୍ରୀ ସରକାରୀ ଭାବେ ପରିବହନ କରିଥିବା ଜଣାଯାଇଛି । ଏହି ଅଭିଯୋଗର ଚୁଡାନ୍ତ ବିଚାର ଯୋଗାଣ ପରିଚାଳନା ନିର୍ଦ୍ଦେଶକଙ୍କ ଇଜିଲାସରେ ଥିବାରୁ ଏହାର ଗ୍ରହଣଯୋଗ୍ୟ ବିଚାରକୁ ଲୋକେ ଅପେକ୍ଷା କରିଛନ୍ତି । ଚୁଡାନ୍ତ ନିଷ୍ପ□ିକୁ ଅପେକ୍ଷା କରିବା ଉଚିତ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ମତ ଦେଇଛନ୍ତି । ତେସିଙ୍ଗା ପ□ାୟତ ଗୋଦାମ ଘର ସମ୍ମୁଖରୁ ଗତ ନଭେମ୍ବର ୧୯ ତାରିଖ ଅପରାହ୍ନରେ ଖାଦ୍ୟସୁରକ୍ଷା ଚାଉଳ ବୋଝେଇ ପରିବହନକାରୀ ଓଆର ୦୯ ଏଚ୪୯୬୫ନଂ ଟ୍ରକ ବିନା ପରମିଟରେ ଚାଉଳ ପରିବହନକୁ ସ୍ଥାନୀୟ ଲୋକେ ଧରିଥଲେ । ଯୋଗାଣ ଇନିସପେକ୍ଟର ରେମତୀସ ସିଂ ନାୟକ ଥାନାରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଥାନାରେ ୨୩୬/୨୦ନଂ ମାମଲା ଓ ଆର ୦୯ ଏଚ୪୯୬୫ନଂ ବେଆଇନ ପରିବହନକାରୀ ଟ୍ରକ ଉପରେ ରଜୁ ହୋଇ ପୁଲିସ ହେପାଜତକୁ ବିନାକାଗଜରେ ଥିବା ଚାଉଳ ବୋଝେଇ ଟ୍ରକ ଯାଇଥିଲା । ଏହି ଘଟଣାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ ନଭେମ୍ବର ୨୪ ତାରିଖ ଆଦେଶ ସଂଖ୍ୟା ୪୪୯୫ ମୂଳେ ଠିକାଦାର ଶ୍ରୀ ମହାପାତ୍ରଙ୍କୁ ନିଲମ୍ବନ କରିବା ସହ ୪୪୯୯ ମୂଳେ କାରଣ ଦର୍ଶାଓ ନୋଟିସ ଜାରି କରିଥିଲେ । ୨୫ ତାରିଖରେ ଆଦେଶ ସଂଖ୍ୟା ୪୫୧୧ ମୂଳେ ଗଣେଶ ପ୍ରସାଦ ସ୍ୱାଇଁ ଓ ପ୍ରଶାନ୍ତ କୁମାର ଗୁଇଁଙ୍କୁ ପରିବହନ ଠିକାଦାର ଭାବେ ଅତିରିକ୍ତ ଦାଇତ୍ୱ ଦିଆଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray